

"ଯେଉଁ ଲୋକ ନିଜକୁ ଆୟତ୍ତରେ ରଖିପାରିଛି, ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
- ସେନେକା



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସମ୍ବାଦ ଗ୍ରୁପ ପକ୍ଷରୁ ୪ର୍ଥ ମୋଟିଭେଶନାଲ ଟକ୍, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ପ୍ରତିବାଦ ସଭା, ବିଧାନସଭା ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶାରେ ଆର୍ଥିକଭିତ୍ତିରେ ୧୦% ସଂରକ୍ଷଣ ଦାବିରେ କ୍ରାନ୍ତିବୀର ଫାଉଣ୍ଡେଶନ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ମୋ କଲେଜ ଅଭିଯାନର ଶୁଭାରମ୍ଭ, ଶ୍ରୀ ଜୟଦେବ କଲେଜ ଅଫ୍ ଏଜୁକେଶନ ଆଣ୍ଡ ଟେକ୍ନୋଲୋଜି ପରିସର, ପୂର୍ବାହ୍ନ ୧୧ଟା।
- ଅଭିଲେଖ ସପ୍ତାହ ପାଳନ ଉତ୍ସବ, ଓଡ଼ିଶା ରାଜ୍ୟ ଅଭିଲେଖାଗାର, ମଧ୍ୟାହ୍ନ ୧୨ଟା।
- ଡିପାର୍ଟମେଣ୍ଟ ଅଫ ଏ ଆଣ୍ଡ ଏ ଇକୋନୋମିକସ ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଇକୋନୋମିକ ଆସୋସିଏଶନ ପକ୍ଷରୁ ଓଡ଼ିଶା ବଜେଟ ୨୦୨୦-୨୧ ଆଲୋଚନାଚକ୍ର, ଉତ୍କଳ ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ହଲ, ଅପରାହ୍ନ ୨ଟା ୩୦।
- ବିଶ୍ୱ ସମ୍ବାଦ କେନ୍ଦ୍ର ପକ୍ଷରୁ ୟୁନିୟନ ବଜେଟ-୨୦୨୦ ଆଲୋଚନାଚକ୍ର, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟର୍ସ, ସନ୍ଧ୍ୟା ୬ଟା।
- ପ୍ରଗତି ଅନୁଷ୍ଠାନ ପକ୍ଷରୁ ସାରେଗାମା କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ମହାବିଦ୍ୟାଳୟ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ଭାଜପା ପକ୍ଷରୁ ଧାରଣା, ଡିଆର୍‌ଡିଏ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

**ବାଲିଅନ୍ତା**

- ୪୩ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞର ନାମସଂକୀର୍ତ୍ତନ, ଦୁଦୁରାବସ୍ତ ସ୍ଥିତ ମହାବୀର ମନ୍ଦିର ପରିସର, ସକାଳ ୬ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଓଡ଼ିଆ ଚଳଚ୍ଚିତ୍ର ପତ୍ରିକାକୁ ନେଇ ସ୍ୱତନ୍ତ୍ର ପ୍ରଦର୍ଶନୀ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ଓଡ଼ିଶାରେ ଆରମ୍ଭରୁ ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇଥିବା ଚଳଚ୍ଚିତ୍ର ପତ୍ରିକାଗୁଡ଼ିକର ପ୍ରଚ୍ଛଦ ପ୍ରଦର୍ଶନୀ ପ୍ରଥମ ଥର ପାଇଁ ରାଜ୍ୟ ଅଭିଲେଖାଗାର ଦ୍ୱାରା ଆୟୋଜିତ ହୋଇଛି। ପୁରୁଣା

**ଅଭିଲେଖ ସପ୍ତାହ ପାଳିଲା ରାଜ୍ୟ ଅଭିଲେଖାଗାର**

ଚଳଚ୍ଚିତ୍ର ଏବଂ ସେତେବେଳେ ପ୍ରକାଶିତ ହେଉଥିବା ପତ୍ରିକା ସମ୍ପର୍କରେ ଆଗାମୀ ପିଢ଼ିଙ୍କୁ ସୂଚନା ଦେବାରେ ଏହି ପ୍ରଦର୍ଶନୀ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ କହିଛନ୍ତି। ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ମଙ୍ଗଳବାର ଆୟୋଜିତ 'ଅଭିଲେଖ ସପ୍ତାହ' ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାଣିଗ୍ରାହୀ ଏହା କହିଥିଲେ। ଏହି ଅବସରରେ ସେ ଚଳଚ୍ଚିତ୍ର ପତ୍ରିକା ପ୍ରଚ୍ଛଦ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ରାଜ୍ୟ ସଂଗ୍ରହାଳୟ ଚଳଚ୍ଚିତ୍ର ଗ୍ୟାଲେରିରେ ପ୍ରଦର୍ଶନୀରେ



ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ ଓ ଅନ୍ୟମାନେ ପ୍ରଦର୍ଶନୀ ଦେଖୁଛନ୍ତି।

ସ୍ଥାନିତ ସମସ୍ତ ପତ୍ରିକାର ପ୍ରଚ୍ଛଦ ଫଟୋକୁ ରଖିବାକୁ କହିଥିଲେ। ୧୯୫୧ରେ ପ୍ରକାଶିତ 'ସିନେ ଓଡ଼ିଶା' ପତ୍ରିକାର ପ୍ରଚ୍ଛଦପଟରେ ସ୍ଥାନିତ ଚଳଚ୍ଚିତ୍ର ନାୟିକା ଲୀଳା ଦୁଲାଳୀଙ୍କ ଫଟୋରୁ ଆରମ୍ଭ କରି ୨୦୧୭ରେ ପ୍ରକାଶିତ ଓଲିଉଡ୍ ମିରର୍ ପର୍ଯ୍ୟନ୍ତ ପ୍ରଚ୍ଛଦ ଚିତ୍ର ସମ୍ପର୍କରେ ବିସ୍ତୃତ ଭାବେ କହିଥିଲେ।

ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ୱତନ୍ତ୍ର ଆଲୋଚନାଚକ୍ର 'ପଞ୍ଚସଖା ଓ ସାମାଜିକ ପ୍ରତିବାଦ'ରେ ମୁଖ୍ୟବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ବସନ୍ତ କୁମାର ମଲ୍ଲିକ ଯୋଗଦେଇଥିଲେ। ଓଡ଼ିଆ ଭାଷାର ଅସ୍ମିତା ସୃଷ୍ଟି ସହ ତତ୍‌କାଳୀନ ରଢ଼ିବାଦୀ ବ୍ୟବସ୍ଥା ବିରୋଧରେ ଗଣତାନ୍ତ୍ରିକ ଆନ୍ଦୋଳନର ସୂତ୍ରପାତ କରିବାରେ ପଞ୍ଚସଖାଙ୍କ ଭୂମିକାକୁ ସେ ଚିତ୍ରଣ କରିଥିଲେ। ସମ୍ଭ୍ରାନ୍ତ ଭାଷା ଓ ଜନଭାଷା, ସମ୍ଭ୍ରାନ୍ତ ଧର୍ମ ଓ ଲୋକଧର୍ମ ଇତ୍ୟାଦିର ଉଦାହରଣ ଦେଇ ଚଳଚ୍ଚିତ୍ର ସମାଜକୁ ବାର୍ତ୍ତା ପ୍ରଦାନ କରିବାରେ ଏକ ବଳିଷ୍ଠ ମାଧ୍ୟମ ହୋଇପାରିଛି ବୋଲି ନାୟକ କହିଥିଲେ। ଏହି ଅବସରରେ 'ସିନେ ଗାଇଡ୍' ଓ 'ବାଣୀଚିତ୍ର'ର ସଂପାଦକ ପରିକ୍ଷିତ ଜେନା, 'ମନୋରଞ୍ଜନ' ପତ୍ରିକାର ସମ୍ପାଦକ ଶ୍ରୀକାନ୍ତ ମହାନ୍ତି ଏବଂ ଅନିଲ ଧୀରଙ୍କୁ ଅଭିଲେଖାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କନ୍ଧମାଳ ଜିଲାର ସାରସ୍ୱତ ସାଧକ ସ୍ୱର୍ଗତ ପଣ୍ଡିତ ରଘୁନାଥ ରଥଙ୍କ ପ୍ରଦତ୍ତ ୨୫୦୦ ଖଣ୍ଡ ବିରଳ ପୁସ୍ତକକୁ ଅଭିଲେଖଗାର ଆନୁଷ୍ଠାନିକ ଭାବେ ଗ୍ରହଣ କରିଥିଲା। ଉତ୍କଳ ବିକାଶ ଯୁବ ପରିଷଦ ନେତାଜୀ ସୁଭାଷ ବୋଷଙ୍କ ଉପରେ ରଚିତ ବିରଳ ପୁସ୍ତକ ସଂଗ୍ରହ କରି ଅଭିଲେଖାଗାରକୁ ପ୍ରଦାନ କରିଥିବାରୁ ପରିଷଦର ସଦସ୍ୟମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରରେ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୁଲେମାନ୍ ଅଲି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ, ପ୍ରଫେସର ରାଜକିଶୋର ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ଗଦାଧର ପୁଟ୍ଟି, ଅଭିନେତା ହରିଶ ମହାପାତ୍ର, ରମେଶ ମହାନ୍ତି, ସଚ୍ଚି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶକୁ ଫେରିବେ ଉଦ୍ଧାର ବାଂଲାଦେଶୀ ରୂପଜୀବୀ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

- ବୈଦେଶିକ ମନ୍ତ୍ରଣାଳୟ ଓ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ ସହ ଯୋଗାଯୋଗ କଲା ଏସ୍‌ଟିଏଫ୍
- କୋର୍ଟଙ୍କ ନିର୍ଦ୍ଦେଶ ପରେ ଆରମ୍ଭ ହୋଇଥିଲା ପ୍ରକ୍ରିୟା

ଜାଲ୍ କାଗଜପତ୍ରରେ ଆସି ଓଡ଼ିଶାରେ ଦେହ ବ୍ୟବସାୟରେ ସମ୍ପୃକ୍ତ ଥାଇ ଧରାପଡ଼ିଥିବା ବାଂଲାଦେଶୀ ରୂପଜୀବୀ ନିଜ ଦେଶକୁ ଫେରିଯିବେ। ସେମାନଙ୍କୁ ପଠାଇବା ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ପ୍ରକ୍ରିୟା ଜାରି ରଖିଛି। ଏନେଇ ଏସ୍‌ଟିଏଫ୍ ବୈଦେଶିକ ମନ୍ତ୍ରଣାଳୟର ବାଣିଜ୍ୟିକ ବିଭାଗ ସହ ଯୋଗାଯୋଗ କରିଛି। କିଭଳି ଓ କେଉଁ ପ୍ରକ୍ରିୟା ଦେଇ ଯୁବତୀଙ୍କୁ ନିଜ ଦେଶକୁ ପଠାଯିବ ସେନେଇ ବୈଦେଶିକ ମନ୍ତ୍ରାଳୟଠାରୁ ସହାୟତା ଲୋଡ଼ାଯାଇଛି। ଏହାପରେ ବାଂଲାଦେଶ ଉଚ୍ଚାୟୁକ୍ତଙ୍କ ସହ ଯୋଗାଯୋଗ କରାଯାଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ଉଦ୍ଧାର ରୂପଜୀବୀଙ୍କ ସଂକ୍ରାନ୍ତରେ ବାଂଲାଦେଶ ଉଚ୍ଚାୟୁକ୍ତଙ୍କୁ ତଥ୍ୟ ଦିଆଯାଇଛି। ବାଂଲାଦେଶରେ ରହୁଥିବା ରୂପଜୀବଙ୍କ ପରିବାର ଲୋକଙ୍କୁ ଚିହ୍ନଟ କରି ସାଙ୍ଗରେ ଧରି ଭୁବନେଶ୍ୱର ଆଣିବେ ଉଚ୍ଚାୟୁକ୍ତ। ଏହାପରେ ସେ ଉଦ୍ଧାର ଯୁବତୀଙ୍କୁ ଧରି ବାଂଲାଦେଶ ଫେରାଇ ନେବେ। ଏହା ପୂର୍ବରୁ ଆବଶ୍ୟକ ଅଧିକାଂଶ ପ୍ରକ୍ରିୟା ଶେଷ ହୋଇଥିବାବେଳେ ଆଉ କିଛି ବାକି ରହିଛି। ବର୍ତ୍ତମାନ ଏହି ବାଂଲା ରୂପଜୀବୀମାନେ ଶର୍ଟ୍-ଷ୍ଟେ ହୋମ୍‌ରେ ଅଛନ୍ତି। ସେମାନଙ୍କୁ ଧରିବା ପରେ ଏସ୍‌ଟିଏଫ୍ କୋର୍ଟରେ ହାଜର କରିଥିଲା। ପରିବାର ଲୋକଙ୍କୁ ଡାକି ସେମାନଙ୍କୁ ହସ୍ତାନ୍ତର କରିବା ପାଇଁ କୋର୍ଟ ଏସ୍‌ଟିଏଫ୍‌କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ଏସ୍‌ଟିଏଫ ସେମାନଙ୍କୁ ନିଜ ଦେଶକୁ ଫେରାଇ ଦେବା ପାଇଁ କିଛିଦିନ ତଳୁ ପ୍ରକ୍ରିୟା ଆରମ୍ଭ କରିଥିଲା।

ସୂଚନାଯୋଗ୍ୟ, ଏହି ଗରିବ ବାଂଲାଦେଶୀ ଯୁବତୀମାନଙ୍କୁ ଚାକିରି ଲୋଭ ଦେଖାଇ ଭାରତକୁ ଆଣିଥିଲେ ଗିରଫ ହୋଇଥିବା ବାଂଲା ସେକ୍ସ ର୍‌ୟାକେଟର କିଙ୍ଗପିନ୍ ଅଞ୍ଜଳି ଦିଦି ଓ ସ୍ୱାମୀ ଇବ୍ରାହିମ୍। ଦଲାଲ ଓ ମାଫିଆଙ୍କ ସହାୟତାରେ ପୋଲିସକୁ ହାତଗୁଞ୍ଜା ଦେଇ ଭାରତକୁ ପ୍ରବେଶ କରାଇବା ପରେ ଜାଲ୍ କାଗଜପତ୍ରରେ କଲିକତାରୁ ଓଡ଼ିଶାକୁ ଆଣି ସେକ୍ସ କାରବାରରେ ସାମିଲ୍ କରିଥିଲେ ଅଞ୍ଜଳି। ବାଂଲାଦେଶରେ ଥିବା ତାଙ୍କ ଭଉଣୀ ଓ ଭିଣୋଇ ମଧ୍ୟ ଏଥିରେ ସହଯୋଗ କରୁଥିଲେ। ଏହିଭଳି ୨୫ ଜଣ ବାଂଲାଦେଶୀ ଯୁବତୀଙ୍କୁ ଓଡ଼ିଶା ଆଣି ଭୁବନେଶ୍ୱରରେ ରଖି ଦେହ ବ୍ୟବସାୟ କରାଉଥିବା ତଦନ୍ତବେଳେ ଏସ୍‌ଟିଏଫ୍ ଜାଣିବାକୁ ପାଇଥିଲା। ଅଞ୍ଜଳି ଧରାପଡିବା ପୂର୍ବରୁ କଟକ ରୋଡ଼ରେ ଥିବା ଏକ ଲଜ୍‌ରେ ଜଣେ ବାଂଲାଦେଶୀ ଯୁବତୀଙ୍କୁ ବଳାତ୍କାର ଅଭିଯୋଗ ଆସିବା ପରେ ଏହା ଉପରେ ଏସ୍‌ଟିଏଫ୍‌ର ନଜର ପଡ଼ିଥିଲା। ପିପିଲିରୁ ଅଞ୍ଜଳି ଦିଦି ଓ ତାଙ୍କ ସ୍ୱାମୀ ଇବ୍ରାହିମ୍‌ଙ୍କୁ ଏସ୍‌ଟିଏଫ୍ ଗିରଫ କରି ପୂରା ର୍‌ୟାକେଟର ପର୍ଦ୍ଦାଫାଶ କରିଥିଲା। ଏଥିସହ ପୁରୁଣା ଭୁବନେଶ୍ୱରରୁ ୬ଜଣ ରୂପଜୀବୀଙ୍କୁ ଉଦ୍ଧାର କରାଯାଇଥିଲା। ପରେ ଅନ୍ୟଜଣେ ରୂପଜୀବୀଙ୍କୁ ଧରିବା ସହ ତାଙ୍କୁ ଗ୍ରାହକଙ୍କ ନିକଟକୁ ନେଉଥିବା ଦଲାଲଙ୍କୁ ଗିରଫ କରିଥିଲା ଏସ୍‌ଟିଏଫ୍। ଏବେ ଭାରତକୁ ବାଂଲାଦେଶୀ ଯୁବତୀ ଚାଲାଣ ରୋକିବାକୁ ଏସ୍‌ଟିଏଫ୍ ପଦକ୍ଷେପ ଜାରି ରଖିଛି।

# ଅନ୍ଧାରରେ ରକ୍ତ ଭଣ୍ଡାର କର୍ମଚାରୀଙ୍କ ଭବିଷ୍ୟତ

## ୨ ବର୍ଷ ହେବ କାର୍ଯ୍ୟକାରୀ ହେଉନି ସରକାରଙ୍କ ନିଷ୍ପତ୍ତି

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

ରାଜ୍ୟ ସରକାର ୨୦୧୭ ସେପ୍ଟେମ୍ବର ୨୯ରେ ରାଜ୍ୟର ୫୬ ରକ୍ତ ଭଣ୍ଡାରକୁ ନିଜ ଅଧୀନକୁ ନେଲେ। ଏହାସତ୍ତ୍ୱେ ୨୫ ବର୍ଷ ଧରି ରକ୍ତ ଭଣ୍ଡାରରେ କାମ କରୁଥିବା କର୍ମଚାରୀ ସ୍ୱଳ୍ପ ବେତନରେ କାମ କରୁଛନ୍ତି। ନିଜର ହକ୍ ପାଇଁ ୨୦୧୮ ନଭେମ୍ବରରେ ଏହି କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ। ଏହାପରେ ରାଜ୍ୟ ସରକାର ରହିଥିବା ନୀତିନିୟମକୁ ଆଧାର କରି କେତେଜଣ କର୍ମଚାରୀଙ୍କୁ ସ୍ଥାୟୀ ଓ ଆଉ କେତେଜଣଙ୍କୁ ଯୋଗ୍ୟତା ଅନୁସାରେ ବେତନ ଦେବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକରେ ନିଷ୍ପତ୍ତି ନେଇଥିଲେ। ୩ମାସ ମଧ୍ୟରେ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସରକାର କହିଥିଲେ ମଧ୍ୟ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରିନି। ଫଳରେ ଏବେ ଏମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଇଛି ବୋଲି ରକ୍ତ ଭଣ୍ଡାର କର୍ମଚାରୀ ସଂଘ ମଙ୍ଗଳବାର ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛି।

ସଂଘ ସଭାପତି ମଳୟ ବେହେରା କହିଛନ୍ତି, ରାଜ୍ୟ ସରକାରଙ୍କ ଜୀବନ ବିନ୍ଦୁ କାର୍ଯ୍ୟକ୍ରମକୁ ସଫଳ କରିବା ହେଉ କି ଜେଏସ୍‌ଏସ୍‌କେ ଯୋଜନାରେ ମା ଓ ଶିଶୁଙ୍କ ମୃତ୍ୟୁ ହାର କମାଇବା ହେଉ, ସବୁଥିରେ ରକ୍ତଭଣ୍ଡାର କର୍ମଚାରୀ ନିଜର ଆପ୍ରାଣ ଚେଷ୍ଟା ଓ କାର୍ଯ୍ୟନିଷ୍ଠା ଦର୍ଶାଇଛନ୍ତି। ଏପରି କି ଥାଲାସେମିଆ, ସିକେଲ ସେଲ୍ ଓ ହେମୋଫେଲିଆ ପରି ରୋଗକୁ ମୁକାବିଲା କରିବାରେ ମଧ୍ୟ ରକ୍ତ ଭଣ୍ଡାର କର୍ମଚାରୀଙ୍କର ଅବଦାନ ରହିଛି। ସଂଘ ସମ୍ପାଦକ ରମଣୀ ରଞ୍ଜନ ଗଡ଼ନାୟକ କହିଛନ୍ତି, ପୂର୍ବରୁ ରୋଗୀମାନେ ଯେଉଁ ରକ୍ତ ନେଉଥିଲେ, ସେହି ସେବା ଦେୟରୁ ରକ୍ତ ଭଣ୍ଡାର କର୍ମଚାରୀମାନେ ବେତନ ପାଉଥିଲେ। କିନ୍ତୁ ସରକାର ରକ୍ତଭଣ୍ଡାରଗୁଡ଼ିକୁ ନିଜ ହାତକୁ ନେବା ପରେ ଏବେ ରକ୍ତ ମାଗଣାରେ ଦିଆଯାଉଛି। ଫଳରେ ସେମାନଙ୍କୁ ମିଳୁଥିବା ସେବାଦେୟ ମିଳିପାରୁନାହିଁ। ରକ୍ତଭଣ୍ଡାରର ସେବାଦେୟ ଦିନକୁ ଦିନ ସରୁଥିବା ବେଳେ କର୍ମଚାରୀମାନେ ବେତନ ପାଇବାରେ ସକ୍ଷମ ହୋଇପାରୁନାହାଁନ୍ତି। ଆଗାମୀ ଦିନରେ ରାଜ୍ୟ ସରକାର ପ୍ରତିଶ୍ରୁତି ମୁତାବକ ରକ୍ତଭଣ୍ଡାର କର୍ମଚାରୀଙ୍କ ସମସ୍ୟାର ସମାଧାନ ନ କରନ୍ତି ତେବେ ବାଧହୋଇ ବିକଳ୍ପ ପନ୍ଥା ଆପଣାଇବୁ ବୋଲି ସମ୍ପାଦକ ଗଡ଼ନାୟକ କହିଛନ୍ତି।

### ଇତିରାଣୀ ସାମନ୍ତ ପାଇବେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ

**କଟକ ଅଫିସ, ୧୮।୨:** 'କାଦମ୍ବିନୀ'ର ସମ୍ପାଦିକା ଡ. ଇତିରାଣୀ ସାମନ୍ତ ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସତ୍ୱ ସମ୍ମାନ। ଆସନ୍ତା ୨୨ ତାରିଖରେ କଟକ ସାରଳା ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନର ସାଧାରଣ ସମ୍ପାଦକ ଚୌଧୁରୀ ସତ୍ୟ ଦାସ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି।




୬ ଶହ ବର୍ଗଫୁଟ ଜମିର ପଟ୍ଟା ଓ ଅନ୍ୟ କେତେକ ଦାବି ନେଇ ସାଲିଆସାହି ଆଞ୍ଚଳିକ କମିଟି ପକ୍ଷରୁ ବିଡିଏ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସୁନନ୍ଦାଙ୍କ ବାସଭବନ ହେବ ସ୍ମୃତି ସଦନ

## ପୁରୀ ଘର ଦେଖିଲେ ସଂସ୍କୃତି ବିଭାଗ ଅଧିକାରୀ

ପୁରୀ ଅଫିସ,୧୮।୨

ଓଡ଼ିଶାର ପ୍ରଥିତଯଶା ଶାସ୍ତ୍ରୀୟ କଣ୍ଠଶିଳ୍ପୀ ତଥା ଭାରତୀୟ ସଙ୍ଗୀତ ଦୁନିଆର ମହାନ୍ ପ୍ରତିଭା ଡ. ସୁନନ୍ଦା ପଟ୍ଟନାୟକଙ୍କ ବଳିଆପଣ୍ଡା ଦାମୋଦର ରୋଡ଼ସ୍ଥିତ ବାସଭବନକୁ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ତାଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରିରେ ସଂରକ୍ଷିତ କରି ରଖାଯିବ। ସୁନନ୍ଦାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମିତି ଅନେକ କାର୍ଯ୍ୟକ୍ରମ କରିବାକୁ ଘୋଷଣା କରିଛନ୍ତି। ସେହି ଅନୁଯାୟୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ ହୋଇଛି।

ସୋମବାର ବିଭାଗର ଅଧିକାରୀମାନେ ପୁରୀରେ ଥିବା ସୁନନ୍ଦାଙ୍କ ଘର ପରିଦର୍ଶନ କରିଛନ୍ତି। ଘରଟି ଏବେ ପରିତ୍ୟକ୍ତ ହୋଇପଡ଼ିଛି। ବାହାର ପାଚେରି ଏବଂ ଘରର କେତେକ ଅଂଶ ଭାଙ୍ଗି ଗଛ ଉଠିଯାଇଛି। ବାହାର ଗ୍ରୀଲ ଖୋଲାଥିବାବେଳେ ୨ଟି ବଖରାରୁ ଗୋଟିଏରେ ତାଲା ପଡ଼ିଛି। ଛାତ ଉପର ଶିଡ଼ି କବାଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏସବୁକୁ ଦେଖି ଅଧିକାରୀମାନେ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସେହିପରି ଆସନ୍ତା ୨୦ ତାରିଖରେ ଅଧିକାରୀମାନେ ତାଙ୍କ କଟକ ବାସଭବନ ପରିଦର୍ଶନରେ ଯିବେ ବୋଲି ଜଣାପଡ଼ିଛି। ଦୁଇଟିଯାକ ବାସଭବନ ବୁଲିବା ପରେ ସେମାନେ ବିଭାଗୀୟ ଶାସନ ସଚିବଙ୍କୁ ରିପୋର୍ଟ ଦେବେ। ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ। ସୋମବାର ପୁରୀ ଆସିଥିବା ଅଧିକାରୀଙ୍କ ମଧ୍ୟରେ ରାଜ୍ୟ ସଂଗ୍ରହାଳୟର କ୍ୟୁରେଟର ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ କୁମାର ଦାସ, ସଂଗ୍ରହାଳୟର ଏମ୍. ସଞ୍ଜୀବ କୁମାର ସାମିଲ ଥିଲେ। ସେମାନଙ୍କ ସହିତ ସୁନାବେଶ ଭଜନ ସମାରୋହ ସମିତି ସାଧାରଣ ସମ୍ପାଦକ ମନୋଜ କୁମାର ଦାସମହାପାତ୍ର, ଅଭିନନ୍ଦିନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଉପସ୍ଥିତ ଥିଲେ।

ସୂଚନାଥାଉ କି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସୁନନ୍ଦାଙ୍କୁ ସଙ୍ଗୀତ ସାଧନା ପାଇଁ ପୁରୀରେ ପ୍ରାୟ ୨ ଏକର ଜମି ପ୍ରଦାନ କରିଥିଲେ। ସୁନନ୍ଦାଙ୍କ ବିୟୋଗ ପରେ ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଏକାଧିକ ଦାବି ରଖାଯାଇଥିଲା। ସୁନନ୍ଦାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପ୍ରଦାନ, ପୁରୀ ବାସଗୃହକୁ ଜବରଦଖଲ ମୁକ୍ତ କରି ସରକାର ତାହାକୁ ସଙ୍ଗୀତ ସ୍ମାରକୀ ଘୋଷଣା କରିବା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ତାଙ୍କ ନାମରେ ଚେୟାର ପ୍ରତିଷ୍ଠା କରାଯିବା ଆଦି ଦାବି ହୋଇଥିଲା।

# ହରିଣ ମୁଣ୍ଡ, ଗୋଡ଼ ଜବତ, ୨ ଶିକାରୀ ଗିରଫ

**ଖୁଣ୍ଟୁଣୀ,୧୮।୨(ଡି.ଏନ୍.ଏ.):** ଗୁରୁଡ଼ିଝାଟିଆ ଥାନା ଦଣ୍ଡାପଡ଼ିଆ ଗ୍ରାମରୁ ଖୁଣ୍ଟୁଣୀ ବନବିଭାଗ ମଙ୍ଗଳବାର ଏକ ହରିଣର କଟାମୁଣ୍ଡ ଓ ଗୋଡ଼ ଜବତ କରିବା ସହ ୨ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିକାରୀଦ୍ୱୟ ହେଲେ ଦଣ୍ଡାପଡ଼ିଆର ପ୍ରଦୀପ୍ତ କୁମାର ସାହୁ ଓ ପବିତ୍ର ମଙ୍ଗୁଆଳ। ବନବିଭାଗ ପକ୍ଷରୁ ଏକ ମାମଲା ନଂ. ୫୭-କେ-୧୯/୨୦ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉଭୟ ଶିକାରୀ ଖୁଣ୍ଟୁଣୀ ବନାଞ୍ଚଳର ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରୁ ହରିଣ, ବାରହା, କୁଟୁରା, ଠେକୁଆ ଶିକାର କରି ଏମାନଙ୍କ ମାଂସକୁ ଚୋରାରେ ବିକ୍ରି କରିଥାନ୍ତି। ସୋମବାର ଅପରାହ୍ନରେ ଶିକାରୀଦ୍ୱୟ ହରିଣ ମାଂସ ବିକ୍ରି କରୁଥିବା ଖବରପାଇ ଗୋବରା ସେକ୍ସନ ଫରେଷ୍ଟ ଗାର୍ଡ ତ୍ରିଲୋଚନ ମଲ୍ଲିକ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରାଙ୍କୁ ଜଣାଇଥିଲେ। ସନ୍ଧ୍ୟାରେ ବନାଞ୍ଚଳ ଅଧିକାରୀ କେତେଜଣ କର୍ମଚାରୀଙ୍କ ସହିତ ଉଭୟ ଶିକାରୀଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଧରିବା ସହ ହରିଣ ମୁଣ୍ଡ ଓ କଟା ଗୋଡ଼କୁ ଜବତ କରିଥିଲେ।



ଗିରଫ ଦୁଇ ଅଭିଯୁକ୍ତ।

# ବ୍ରହ୍ମପୁରରେ ଖୋଲିବ 'ନେକ୍' ଓଡ଼ିଶା ଜୋନ୍ ଚାପ୍ଟର

ଭୁବନେଶ୍ୱର, ୧୮।୨(ବ୍ୟୁରୋ)

- ଉପକୃତ ହେବେ କୁକୁଡ଼ା ଅଣ୍ଡା ଚାଷୀ
- ଓଡ଼ିଶା ଚାପ୍ଟର ଦ୍ୱାରା ମୂଲ୍ୟ ନିର୍ଦ୍ଧାରିତ ହେବ
- ୨୦ରୁ ଲାଗୁ ହେବ ଓଡ଼ିଶାର 'ବେସ୍‌ରେଟ୍'

ଓଡ଼ିଶାରେ ଖୋଲିବ ନ୍ୟାଶନାଲ ଏଗ୍ କୋର୍ଡିନେଶନ କମିଟି(ଏନ୍‌ଇସିସି ବା ନେକ୍)ର ଓଡ଼ିଶା ଜୋନ୍ ଚାପ୍ଟର। ବ୍ରହ୍ମପୁରରେ ଏହି ଚାପ୍ଟର ଖୋଲିବ। ଏହା ପୂର୍ବରୁ ଓଡ଼ିଶାର ଚାଷୀମାନେ ନେକ୍ ବିଜୟୱାଡ଼ା ଜୋନ୍ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଗ୍ରହଣ କରିବାକୁ ବାଧ ହେଉଥିଲେ। ନୂତନ ଓଡ଼ିଶା ଚାପ୍ଟର ଗଠନ ହେବା ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଆସନ୍ତା ୨୦ ତାରିଖରୁ ଓଡ଼ିଶାର ଚାଷୀ ଓ ବ୍ୟବସାୟୀମାନେ ନେକ୍ ଓଡ଼ିଶା ଚାପ୍ଟର ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟକୁ ଓଡ଼ିଶାର 'ବେସ୍‌ରେଟ୍' ଭାବେ ଗ୍ରହଣ କରିବେ। ଏହା ଫଳରେ ଓଡ଼ିଶାର ସମସ୍ତ କୁକୁଡ଼ାଅଣ୍ଡା ଚାଷୀ ବିଶେଷ ଭାବେ ଉପକୃତ ହେବେ ବୋଲି ଅଲ୍ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏଶନ ଅଧ୍ୟକ୍ଷ ମାନସ ମଙ୍ଗରାଜ କହିଛନ୍ତି। ମଙ୍ଗଳବାର ଗୀତ ଗୋବିନ୍ଦ ସଦନରେ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମଙ୍ଗରାଜ ଉପସ୍ଥିତ ରହି କହିଥିଲେ, ରାଜ୍ୟରେ ଅଣ୍ଡା ଶିଳ୍ପ ଅତ୍ୟନ୍ତ ଦୟନୀୟ ଅବସ୍ଥା ଦେଇ ଗତି କରୁଛି। ଯଦି ଏହି ପରିସ୍ଥିତି ଲାଗି ରୁହେ, ତେବେ ଆସନ୍ତା ୧ବର୍ଷ ମଧ୍ୟରେ ଓଡ଼ିଶାରେ ୫୦% ଅଣ୍ଡା ଶିଳ୍ପ ବନ୍ଦ ହୋଇଯିବ। ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ ହେବେ। ଓଡ଼ିଶାରେ ୬୫ ଲକ୍ଷ କୁକୁଡ଼ାଅଣ୍ଡା ଉତ୍ପାଦନ ହେଉଥିବାବେଳେ ୯୫ ଲକ୍ଷ ଚାହିଦା ରହିଛି। ଆମ ରାଜ୍ୟରେ ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ ନିଜେ ନିର୍ଦ୍ଧାରଣ କରିପାରୁ ନ ଥିବାରୁ ନେକ୍ ବିଜୟୱାଡ଼ା ଜୋନ୍ ଦ୍ୱାରା ଏହା ନିର୍ଦ୍ଧାରିତ ହେଉଥିଲା। କିନ୍ତୁ ଏବେ ଆଉ ତାହା ହେବ ନାହିଁ।




ଖବରଦାତା ସମ୍ମିଳନୀରେ ଅଲ୍ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏଶନ ଅଧ୍ୟକ୍ଷ ମାନସ ମଙ୍ଗରାଜ ଓ ଅନ୍ୟମାନେ।

ଆସୋସିଏଶନର ସଦସ୍ୟମାନଙ୍କ ଚେଷ୍ଟା ଫଳରେ ବ୍ରହ୍ମପୁରରେ ନେକ୍‌ର ଓଡ଼ିଶା ଚାପ୍ଟର ଗଠନ କରିବାରେ ସଫଳ ହୋଇଛୁ। ରାଜ୍ୟରେ ଉତ୍ପାଦିତ କୁକୁଡ଼ାଅଣ୍ଡା ମଧ୍ୟରୁ ବ୍ରହ୍ମପୁରରେ ପ୍ରାୟ ୪୦ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ତେଣୁ ସେଠାରେ ନେକ୍ ଓଡ଼ିଶା ଜୋନ୍‌ର ଚାପ୍ଟର ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଚାପ୍ଟର ପକ୍ଷରୁ ପ୍ରତିଦିନ ଅଣ୍ଡାର ନିର୍ଦ୍ଧାରିତ ମୂଲ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଚାହିଦାକୁ ଦେଖି ମୂଲ୍ୟରେ ପରିବର୍ତ୍ତନ କରାଯିବ ବୋଲି ମଙ୍ଗରାଜ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି, ଓଡ଼ିଶାରେ ଖୁବ୍‌ଶୀଘ୍ର ଆସୋସିଏଶନ ପକ୍ଷରୁ ୧୦୦ ଆଉଟ୍‌ଲେଟ୍ ଖୋଲାଯିବ। ୧ ମାସ ଭିତରେ ଭୁବନେଶ୍ୱରରେ ୧୦ ଆଉଟ୍‌ଲେଟ୍ ଖୋଲାଯିବ, ଯେଉଁଠାରେ ଖାଉଟି କମ୍ ଟଙ୍କାରେ ଏବଂ ଫ୍ରେସ୍ ଅଣ୍ଡା ପାଇପାରିବେ ବୋଲି ମଙ୍ଗରାଜ କହିଛନ୍ତି। ଓପୋଲଫେଡ୍ ସଂଘ ପାଖରୁ ଅଣ୍ଡା ନେବା ପାଇଁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଏଥିସହିତ ଉମରକୋଟ୍ ଓ ଚନ୍ଦ୍ରଗିରିରେ ଥିବା ମକାଚାଷୀଙ୍କୁ ଋଣ ଦେବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛୁ। ଫଳରେ ସେମାନେ ଆଉ ବାହାର ବ୍ୟବସାୟୀଙ୍କ ଶିକାର ହୋଇପାରିବେ ନାହିଁ। ଉକ୍ତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ସଭାପତି ବି.ବି. ଚୌଧୁରୀ, ଉପସଭାପତି ଦେବଦତ୍ତ ବିଶ୍ୱାଳ, ସମ୍ପାଦକ ଏଲ୍. ସରୋଜ ପାତ୍ର, କୋଷାଧ୍ୟକ୍ଷ ସନ୍ତୋଷ କୁମାର ପାତ୍ର, ଉପଦେଷ୍ଟା ମଦନ ମୋହନ ରାଉତ ଓ ନେକ୍ ଓଡ଼ିଶା ଜୋନ୍ ଚେୟାରମ୍ୟାନ୍ ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଓଡ଼ିଶାରେ ପ୍ରଥମ ଥର ପାଇଁ ଚାପ୍ଟର ଖୋଲାଯାଉଛି।

**ସଂକ୍ଷେପରେ**

## ଡକାୟତି ଯୋଜନା, ୫ ଗିରଫ

କଟକ ରୋଡ,୧୮।୨(ଡି.ଏନ୍.ଏ.): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବୁଦ୍ଧନଗର ଭୋଇସାହିରେ ରହୁଥିବା ଅଜୁ ବର୍ଦ୍ଧନ, ବନଫୁଲ ବସ୍ତିର ଟିକିଆ ପ୍ରଧାନ, ଇନଫୋସିଟି ଥାନା ସାଇବନଫୁଲ ବସ୍ତିରେ ରହୁଥିବା ବାପି ନାୟକ, ନରେଶ ରାଉତ ଓ ଶହୀଦନଗର ଥାନା ଶିଖରଚଣ୍ଡୀ ସାହିରେ ରହୁଥିବା ଟିକି ଖାନ୍। ଏମାନଙ୍କ ନିକଟରୁ ୨ଟି ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୭ତାରିଖ ବିଳମ୍ବିତ ରାତ୍ରିରେ ଅଭିଯୁକ୍ତମାନେ ଲକ୍ଷ୍ମୀସାଗର ଥାନା କେନାଲ ରୋଡ ଓସ୍କାର ସିଟି ନିକଟରେ ଏକତ୍ରିତ ହୋଇ କୌଣସି ବ୍ୟକ୍ତିଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏ ନେଇ ଥାନାକୁ ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିଥିଲା। ପୂର୍ବରୁ ଅଭିଯୁକ୍ତମାନଙ୍କ ନାମରେ ଚୋରି, ଲୁଟ ଭଳି ମାମଲା ରହିଥିବା ପୋଲିସ କହିଛି। ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୫୮/୨୦)ରୁଜୁ ହୋଇଛି।

## ଦୁଇ ସେବାୟତ ଗୋଷ୍ଠୀ ସହ ପୃଥକ୍ ପୃଥକ୍ ଆଲୋଚନା

### ଶ୍ରୀକପିଳେଶ୍ୱର ମନ୍ଦିର ବିଭ୍ରାଟ ପ୍ରସଙ୍ଗ

ପୁରୁଣା ଭୁବନେଶ୍ୱର, ୧୮।୨ (ଡି.ଏନ.ଏ.): ଶ୍ରୀକପିଳେଶ୍ୱର ଦେବଙ୍କ ମନ୍ଦିରରେ ଖୁଣ୍ଟିଆ ଓ ମଲିଆ ଦୁଇ ସେବାୟତଙ୍କ ମଧ୍ୟରେ ୨୦୧୫ ଅଁଳା ନବମୀରେ ବିଭ୍ରାଟ ଦେଖା ଦେଇଥିଲା। ଏହାର ସମାଧାନ ଲାଗି ମଙ୍ଗଳବାର ଶ୍ରୀକପିଳେଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟିର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଦେବବ୍ରତ ସାହୁ ପୃଥକ୍ ପୃଥକ୍ ଉଭୟ ସେବାୟତଙ୍କୁ ଡକାଇ ଆଲୋଚନା କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖୁଣ୍ଟିଆ ସେବାୟତ ଏବଂ ପରେ ଅପରାହ୍ନ ୪ଟାରୁ ମଲିଆ ସେବାୟତଙ୍କୁ ଡକାଇ ଆଲୋଚନା କରିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନ ଥିଲା। ମହାଶିବରାତ୍ରି ପରେ ଆଉ ଥରେ ଉଭୟ ସେବାୟତଙ୍କୁ ଡକାଇ ଆଲୋଚନା କରାଯିବ। ବୈଠକରେ ପରିଚାଳନା କମିଟି ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ଭାବେ ରୁଦ୍ର ପ୍ରସାଦ ନନ୍ଦ, ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ଅବନୀକାନ୍ତ ପଟ୍ଟନାୟକ, ଜୋନ-୨ ଏସିପି କୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଏକାମ୍ର ପ୍ଲାନ, ଶିବରାତ୍ରି ପ୍ରସ୍ତୁତି ଅନୁଧ୍ୟାନ କଲେ ବିଏମ୍‌ସି କମିଶନର

ଭୁବନେଶ୍ୱର, ୧୮।୨ (ବ୍ୟୁରୋ): ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରିର ପ୍ରସ୍ତୁତି ସହ ମନ୍ଦିର ଓ ଏହାର ପାରିପାର୍ଶ୍ୱିକ ବିକାଶ ଯୋଜନା 'ଏକାମ୍ର'ର ତଦାରଖ କରିଛନ୍ତି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ। ମଙ୍ଗଳବାର ପୂର୍ବାହ୍ନରେ କମିଶନର ଚୌଧାରୀ ପୁରୁଣା ଭୁବନେଶ୍ୱର ଗସ୍ତ କରିବା ସହ ଏକାମ୍ର ଯୋଜନାର ପ୍ଲାନ୍ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ମହାଶିବରାତ୍ରିରେ ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ବିଏମ୍‌ସି ଦ୍ୱାରା ନିଆଯିବାକୁ ଥିବା ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଶୃଙ୍ଖଳିତ ଦର୍ଶନ ଓ ସାଜସଜ୍ଜା କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ସେନେଇ ଆଲୋଚନା କରିଛନ୍ତି। ଏକାମ୍ରକ୍ଷେତ୍ରର ବିକାଶ କାର୍ଯ୍ୟ ଚାଲିଥିବାବେଳେ ଶିବରାତ୍ରି ପରିଚାଳନା କରିବା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି କମିଶନର ଚୌଧାରୀ କହିଛନ୍ତି। ଗସ୍ତ ସମୟରେ କମିଶନର ଚୌଧାରୀଙ୍କ ସହ ଖୋର୍ଦ୍ଧା ଜିଲାପାଳ ସୀତାଂଶୁ କୁମାର ରାଉତ, ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ, ବିଏମ୍‌ସି ଡେପୁଟି କମିଶନର କମଳଜିତ୍ ଦାଶ, ପୂର୍ତ୍ତ ବିଭାଗ ଡିଭିଜନ୍-୨ର ମୁଖ୍ୟଯନ୍ତ୍ରୀ ବି. ଜଗବନ୍ଧୁ ରାଓ ଓ ବିଏମ୍‌ସି (ସିଟି) ଯନ୍ତ୍ରୀ ଦେବସୁନ୍ଦର ମହାପାତ୍ର ଉପସ୍ଥିତ ରହି କମିଶନରଙ୍କୁ ଅବଗତ କରାଇଥିଲେ। ଏଥିସହ ଜିଏ ବିଭାଗ, ରାଜସ୍ୱ ବିଭାଗ, ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ପୂର୍ତ୍ତ ବିଭାଗ, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ, କେନ୍ଦ୍ରୀୟ ବିଦ୍ୟୁତ୍ ସରବରାହ ସଂସ୍ଥା, ବିଏମ୍‌ସି, ବିଡିଏ ଓ ବିଏସ୍‌ସିଏଲର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଏମାନଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିବାବେଳେ ଏହି ଟିମ୍ ଏକାମ୍ର ଯୋଜନାର ତଦାରଖ କରୁଥିବା ଜଣାପଡ଼ିଛି।

# ଆଉ ଦୁଇଦିନ ସର୍ବକ୍ଷମା, ଆବେଦନ ପାଇଁ ନାକେଦମ୍

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)




ବିଡିଏ କାର୍ଯ୍ୟାଳୟରେ ଆବେଦନକାରୀଙ୍କ ଗହଳି।

- ଧାଡ଼ିରେ ଛିଡ଼ା ହୋଇ ଫେରୁଛନ୍ତି ଲୋକେ
- ନାନା ଅବ୍ୟବସ୍ଥା, ଗୋଟିଏ କମ୍ପ୍ୟୁଟରରେ ଚାଲିଛି ଆବେଦନ କାର୍ଯ୍ୟ
- ଅଧିକାଂଶ ସମୟରେ ସର୍ଭର ଫେଲ୍, ନାହିଁ ବିକଳ୍ପ ବ୍ୟବସ୍ଥା

ଆସନ୍ତା ୨୦ ତାରିଖରେ ସରିବ ସର୍ବକ୍ଷମା ଆବେଦନ ଅବଧି। ଆଉ ଦୁଇଦିନ ବାକି ରହିଥିବାରୁ ଘର ନିୟମିତ କରିବା ପାଇଁ ଲୋକେ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଛନ୍ତି। ଫଳରେ ବିଡିଏ କାର୍ଯ୍ୟାଳୟରେ ଆବେଦନକାରୀଙ୍କ ପ୍ରବଳ ଗହଳି ଲାଗୁଛି। ତେବେ ନାନା ଅବ୍ୟବସ୍ଥା ଯୋଗୁ ଲୋକଙ୍କୁ ନାକେଦମ୍ ହେବାକୁ ପଡୁଛି। ପ୍ରତିଦିନ ଶହ ଶହ ଲୋକ ଆବେଦନ କରିବାକୁ ଆସୁଥିଲେ ମଧ୍ୟ ଲୋକଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ବିଡିଏ ପକ୍ଷରୁ ସେଭଳି କୌଣସି ପନ୍ଥା ଗ୍ରହଣ କରାଯାଇନାହିଁ। ଆବଶ୍ୟକ ଭିତ୍ତିଭୂମି ନ ଥିବାବେଳେ ଗୋଟିଏ କମ୍ପ୍ୟୁଟରରେ କାର୍ଯ୍ୟ ହେଉଥିବାରୁ ଅଧିକାଂଶ ଲୋକ ଧାଡ଼ିରେ ଛିଡ଼ା ହୋଇ ନିରାଶରେ ଫେରୁଛନ୍ତି। ସର୍ବକ୍ଷମା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭରୁ ଲୋକେ ସେତେଟା ତତ୍ପରତା ଦେଖାଉ ନ ଥିଲେ। ସମୟ ସରିଆସୁଥିବାବେଳେ ଲୋକଙ୍କ ବ୍ୟଗ୍ରତା ବଢ଼ିଯାଇଛି। ଲୋକଙ୍କ ଆବେଦନ ପତ୍ର ଗ୍ରହଣ କରିବା ପାଇଁ ଗୋଟିଏ ମାତ୍ର କମ୍ପ୍ୟୁଟର ରହିଛି। ଜଣଙ୍କର କାଗଜପତ୍ର ଯାଞ୍ଚ କରିବା ପାଇଁ ଅତି କମ୍‌ରେ ୧୫ ମିନିଟ୍ ଲାଗୁଛି। ପୁଣି ବହୁ ସମୟରେ ଇଣ୍ଟରନେଟ୍ ସର୍ଭର ଡାଉନ୍ ହୋଇଯାଉଛି। ଫଳରେ ବହୁ ଲୋକ ଦୁଇ ତିନି ଧରି ବିଡିଏ ଅଫିସ ଧାଉଁଥିଲେ ମଧ୍ୟ କାମ ହୋଇପାରୁ ନାହିଁ।

ମିଳିଥିବା ସୂଚନାନୁସାରେ, ଗତ ଜାନୁଆରୀ ୧ରୁ ଆଜି ପର୍ଯ୍ୟନ୍ତ ୨ ହଜାର ୧୨ ଫାଇଲ୍ ଅନ୍‌ଲାଇନ୍ ଏଣ୍ଟ୍ରି ହୋଇଥିବାବେଳେ ପ୍ରାୟ ୧ ହଜାର ଫାଇଲ୍ ରିସିଭ୍ ହୋଇଛି। ଏହା ରେକର୍ଡ ସଂଖ୍ୟକ ଆବେଦନ ବୋଲି କୁହାଯାଉଛି। କାରଣ ୨୦୧୮ରେ ୧ ହଜାର ୩୩୫ ଆବେଦନ ହୋଇଥିବାବେଳେ ୨୦୧୯ରେ ୨ ହଜାର ୧୪୫ ଘର ପାଇଁ ଆବେଦନ ହୋଇଥିଲା। ମାତ୍ର ଶେଷ ଦେଢ଼ମାସରେ ଆବେଦନ ପାଇଁ ଲୋକଙ୍କ ଉତ୍ସାହ ବଢ଼ିଥିଲେ ମଧ୍ୟ ଅବ୍ୟବସ୍ଥା ବାଧକ ସାଜିଛି।

ସୂଚନାଯୋଗ୍ୟ, ସର୍ବକ୍ଷମା ଆବେଦନ ଅବଧି ଫେବୃଆରୀ ୫ରେ ସରିବାକୁ ଥିଲା। ଏହାକୁ ଆଉ ୧୫ ଦିନ ବୃଦ୍ଧି କରାଯାଇଥିଲା। ଫଳରେ ଲୋକମାନେ ଆସନ୍ତା ଫେବୃଆରୀ ୨୦ ପର୍ଯ୍ୟନ୍ତ ନିଜର ଘରକୁ ନିୟମିତ କରାଇବା ପାଇଁ ସମୟ ପାଇଥିଲେ। ହେଲେ ଅବ୍ୟବସ୍ଥା ଯୋଗୁ ଏହି ସମୟ ଭିତରେ ଚାହୁଁଥିବା ଲୋକେ ଆବେଦନ କରିପାରି ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଯଦି ଘର ନିୟମିତ ହୋଇ ନ ଥାଏ ତା'ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଥିଲେ। ଫଳରେ ନିରାଶ ହୋଇଥିବା ଲୋକେ ଚିନ୍ତାରେ ପଡ଼ିବା ସହ ଆଉକିଛିଦିନ ସମୟ ଦେବା ସହ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

# ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ




ବିଏମ୍‌ସି ପକ୍ଷରୁ ଆଇଡେଣ୍ଟିଟି କାର୍ଡ ପ୍ରଦାନ କରାଯାଉଛି।

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

ରାଜସ୍ୱ ଆଦାୟକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଦୃଢ଼ ଆଭିମୁଖ୍ୟ ଆପଣାଇଛି। ଟ୍ୟାକ୍ସ କଲେକ୍ଟରମାନେ ସମୟାନୁବର୍ତ୍ତିତା ହୋଇ ଲକ୍ଷ୍ୟକୁ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ହୋଲ୍ଡିଂ ଟ୍ୟାକ୍ସ ଆଦାୟରେ କୌଣସି ପ୍ରକାର ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ଟ୍ୟାକ୍ସ ଆଦାୟରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଦେବାସହ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ବିଏମ୍‌ସିକୁ ହୋଲ୍ଡିଂ ଟ୍ୟାକ୍ସ ବା ଅନ୍ୟ କୌଣସି ପ୍ରକାର ଦେୟ ପ୍ରଦାନ କରୁଥିଲେ ରସିଦ୍ ନେବାକୁ ପରାମର୍ଶ ଦେଇଛନ୍ତି। ଅଭିଯୋଗ ଆସିଲେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି କମିଶନର କହିଛନ୍ତି। କମିଶନରଙ୍କ ଏହି ନିର୍ଦ୍ଦେଶ ପରେ ମଙ୍ଗଳବାର ଅପରାହ୍ନରେ ୨୦ଏସ୍‌ଏଚ୍‌ଜିର ୮୦ ଜଣ ସଦସ୍ୟାଙ୍କୁ ନେଇ ଅତିରିକ୍ତ କମିଶନର ସୁରଥ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ସମୀକ୍ଷା ବୈଠକ ବସିଥିଲା। ସମ୍ପୃକ୍ତ ଏସ୍‌ଏଚ୍‌ଜିମାନେ ୨୦ ୱାର୍ଡ଼ରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରିବାରେ କି ପ୍ରକାର ଅଭିଜ୍ଞତା ହାସଲ କରିଛନ୍ତି ସେ ବାବଦରେ ଆଲୋଚନା ହୋଇଥିଲା। ଏହାପରେ ଉପସ୍ଥିତ ସଦସ୍ୟାଙ୍କୁ ଆଇଡେଣ୍ଟିଟି କାର୍ଡ ପ୍ରଦାନ କରାଯାଇଥିଲା। ତେବେ କମ୍ ଦିନର ଅଭିଜ୍ଞତା ମଧ୍ୟରେ ସେମାନଙ୍କର ହୋଲ୍ଡିଂ ଟ୍ୟାକ୍ସ ଆଦାୟର ପରିମାଣ ବଢିବାରେ ଲାଗିଥିବା ଏହି ଅବସରରେ ସୂଚନା ଦିଆଯାଇଥିଲା। ସୋମବାର ଏସ୍‌ଏଚ୍‌ଜିମାନେ ପ୍ରାୟ ୮୫ ହଜାର ୮୨୦ଟଙ୍କା ରାଜସ୍ୱ ଆଦାୟ କରିଥିବା ବିଏମ୍‌ସି ରାଜସ୍ୱ ବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର ପ୍ରକାଶ କରିଥିଲେ।




ଭୁବନେଶ୍ୱର ସୂଚନାଭବନରେ ମଙ୍ଗଳବାର ମାସିକ ମହିଳା ପତ୍ରିକା 'ଯୁଗଶ୍ରୀ ଯୁଗନାରୀ'ର ବାର୍ଷିକ ସାରସ୍ୱତ ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ଚାକିରି ଦେବା ନାଁରେ ଓଏଲଏକ୍ସରେ ଠକେଇ

କଟକ ରୋଡ,୧୮।୨(ଡି.ଏନ୍.ଏ.)

ଚାକିରି ଦେବା ନାଁରେ ଓଏଲଏକ୍ସରେ ଠକେଇ ଅଭିଯୋଗରେ ବଡ଼ଗଡ଼ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତରିକୁନ୍ଦ ଗ୍ରାମର ସଂଗ୍ରାମ କେଶରୀ ରାୟ। ପୋଲିସ ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ସଂଗ୍ରାମ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), କ୍ୟାପିଟାଲ ହସ୍ପିଟାଲରେ ବିଭିନ୍ନ ପଦବୀ ଖାଲିଥିବା ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ। ଏହା ସହିତ ଉକ୍ତ ପଦବୀରେ ଅଭିଯୁକ୍ତ ଚାକିରି ଦେବାକୁ କହି ଅନେକ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସୁନ୍ଦରଗଡ଼ ଅଞ୍ଚଳର ସ୍ୱପ୍ନା ସ୍ୱାଇଁ ଚାକିରି ଆଶାରେ ସଂଗ୍ରାମଙ୍କୁ ଯୋଗାଯୋଗ କରିବା ସହ ତାଙ୍କୁ ବିଏମସିରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ରଖାଇଦେବାକୁ କହି ଅର୍ଥ ନେଇଥିଲେ। କିନ୍ତୁ ଏ ନେଇ କୌଣସି ଅଗ୍ରଗତି ନ ହେବା ଫଳରେ ଗତ ୨୦୧୯ ସେପ୍ଟେମ୍ବର ୨୪ ରେ ବଡ଼ଗଡ଼ ଥାନାରେ ସ୍ୱପ୍ନା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୨୬୧/୧୯)ରୁଜୁ ହୋଇଥିଲା। ତେବେ ଏହା ପରେ ଅଭିଯୁକ୍ତ ଫେରାର ରହିଥିବା ବେଳେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଅଞ୍ଚଳରେ ରହୁଥିବା କିରଣ ନାୟକଙ୍କୁ ମଧ୍ୟ ଡାକ୍ତରଖାନାରେ ଚାକିରି ଦେବା ନାଁରେ ସଂଗ୍ରାମ ଟଙ୍କା ନେଇଥିଲେ। ଏ ନେଇ କିରଣଙ୍କ ଅଭିଯୋଗକ୍ରମେ ବଡ଼ଗଡ଼ ପୋଲିସ ଏକ ମାମଲା(ନଂ.୬୮/୨୦)ରୁଜୁ କରିଥିଲା। ଉଭୟ ଅଭିଯୋଗକାରୀଙ୍କ ଠାରୁ ସଂଗ୍ରାମ ୨୬ହଜାର ଟଙ୍କା ଠକି ନେଇଥିବା ପୋଲିସ କହିଛି।

# ବିଲ୍ଡରଙ୍କୁ ଜମିଦେଇ ୨ ମହିଳା ମାଲିକ ହଟହଟା

ଭୁବନେଶ୍ୱର, ୧୮।୨ (ବ୍ୟୁରେ)

- ନିଜ ଫ୍ଲାଟ୍‌କୁ ଛାଡ଼ୁନାହାନ୍ତି ସୁରକ୍ଷା କର୍ମୀ
- ଏସିପି, ସ୍ଥାନୀୟ ପୋଲିସ ନ୍ୟାୟ ଦେଇପାରିଲେନି
- ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହେଲେ ଅଭିଯୋଗକାରିଣୀ

ବାଲିଅନ୍ତା ଥାନା ଅଣ୍ଡିଲୋ ଅଞ୍ଚଳର ଦୁଇଜଣ ମହିଳା ଆପାର୍ଟମେଣ୍ଟ କରିବାକୁ ଜଣେ ବିଲ୍ଡରଙ୍କୁ ଜମି ଦେଇ ନାନା ଠକାମୀ ଓ ନିର୍ଯାତନାର ଶିକାର ହୋଇଛନ୍ତି। ବିଲ୍ଡର ଜଣକ କରିଥିବା ଚୁକ୍ତି ମୁତାବକ ସେମାନଙ୍କୁ ଫ୍ଲାଟ୍ ଅଂଶ ଦେଉ ନ ଥିବାବେଳେ ସୁରକ୍ଷା କର୍ମୀଙ୍କୁ ଲଗାଇ ଉକ୍ତ ସ୍ଥାନକୁ ଛାଡୁ ନ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ପୋଲିସ ଓ ଏସିପି ଏହି ମାମଲାରେ ହସ୍ତକ୍ଷେପ କରିଥିଲେ ମଧ୍ୟ ଦୁଇ ମହିଳାଙ୍କୁ ନ୍ୟାୟ ଦେଇପାରିନାହାନ୍ତି। ଶେଷରେ ସେମାନେ ମଙ୍ଗଳବାର ପୋଲିସ କମିଶନରଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ମୁତାବକ, ଅଣ୍ଡିଲୋ ଅଞ୍ଚଳରେ କଲ୍ୟାଣୀ ସିଂ ଓ ବନ୍ଦିତା ସିଂଙ୍କ ନାମରେ ଥିବା ଜମିରେ ବିଲ୍ଡର ଜଣକ ଅପାର୍ଟମେଣ୍ଟ ପ୍ରକଳ୍ପ କରିବାକୁ ପ୍ରସ୍ତାବ ଦେଇଥିଲେ। ଅପାର୍ଟମେଣ୍ଟର ୫୯ ପ୍ରତିଶତ ଫ୍ଲାଟ୍ ବିଲ୍ଡର ନେବାକୁ ସ୍ଥିର ହୋଇଥିବାବେଳେ ୪୧ ପ୍ରତିଶତ ଜମି ପ୍ରଦାନକାରୀଙ୍କୁ ଦେବାକୁ ଚୁକ୍ତି ହୋଇଥିଲା। ଏ ନେଇ ୨୦୧୬ ଜୁନ୍ ୬ରେ ବିଲ୍ଡର ଜଣକ ଜମିର ପାୱାର ଅଫ୍ ଆଟର୍ନି ନେବା ସହ ଜୁନ ୭ରେ ସେମାନଙ୍କ ସହ ଏଗ୍ରିମେଣ୍ଟ କରିଥିଲେ। ମାତ୍ର ଇତିମଧ୍ୟରେ ବିଲ୍ଡର ନିଜ ଭାଗରେ ଥିବା ଫ୍ଲାଟ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଜମାକାରୀଙ୍କୁ ବିକି ସାରିଥିବାବେଳେ ଜମି ମାଲିକ କଲ୍ୟାଣୀ ଓ ବନ୍ଦିତାଙ୍କୁ ଦେବାକୁ ଥିବା ୬ ଫ୍ଲାଟ କାର୍ଯ୍ୟ ସାରୁନି କି ବକେୟା ଟଙ୍କା ପ୍ରଦାନ କରୁନାହିଁ। ଥାନାରେ ଅଭିଯୋଗ ସତ୍ତ୍ୱେ ପୋଲିସ ବାରମ୍ବାର ସମାଧାନ କରୁଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିଲ୍ଡର କିଛି ବି ମାନୁନାହାନ୍ତି। ପୋଲିସ ବିଲ୍ଡର କଥାରେ ପରିଚାଳିତ ହେଉଥିବା ଓ ସେହି ସାହସରେ ବିଲ୍ଡର ସିକ୍ୟୁରିଟି ଲଗାଇ ନିଜ ଫ୍ଲାଟ୍ ଦେଖିବାକୁ ଛାଡୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏପରି କି ଗତ ୭ ତାରିଖରେ ବାଲିଅନ୍ତା ଥାନାରେ ଏସିପି ରବି ଶତପଥୀଙ୍କ ଉପସ୍ଥିତିରେ ବୁଝାମଣା ହୋଇଥିଲା। ବିଲ୍ଡର ଜଣକ ତୁରନ୍ତ ନିର୍ମାଣ କାର୍ଯ୍ୟ ସାରି ମାଲିକଙ୍କୁ ଫ୍ଲାଟ୍ ହସ୍ତାନ୍ତର ଓ କୌଣସି ହଇରାଣ ନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ତ୍ତମାନ ବିଲ୍ଡର ଧରାଛୁଆଁ ଦେଉ ନ ଥିବାବେଳେ ପୂର୍ବଭଳି ନିଜ ଫ୍ଲାଟ୍‌କୁ ଯିବାକୁ ସିକ୍ୟୁରିଟି ଗାର୍ଡ ଛାଡୁ ନାହିଁ। ବାରମ୍ବାର ନିରାଶ ହୋଇ ମଙ୍ଗଳବାର କଲ୍ୟାଣୀ ଓ ବନ୍ଦିତା ଅଭିଯୋଗ କରିବାକୁ ପୋଲିସ କମିଶନରଙ୍କ ଅଭିଯୋଗ ପ୍ରକୋଷ୍ଠରେ ପହଞ୍ଚିଥିଲେ। ଉପସ୍ଥିତ ଥିବା ଅଧିକାରୀ ସତ୍ୟଜିତ ମିଶ୍ରଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରି ନ୍ୟାୟ ନିବେଦନ କରିଥିଲେ।

# ୪ ମନ୍ଦିର ସୁରକ୍ଷାବ୍ୟବସ୍ଥା ତଦାରଖ କଲେ ପୋଲିସ କମିଶନର



ମନ୍ଦିର ସୁରକ୍ଷା ବ୍ୟବସ୍ଥା ନେଇ ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀ ତଦାରଖ କରୁଛନ୍ତି।

କଟକ ରୋଡ,୧୮।୨(ଡି.ଏନ୍.ଏ.)

ଜାଗର ଉତ୍ସବ ପାଇଁ ରାଜଧାନୀର ବିଭିନ୍ନ ଶୈବ ମନ୍ଦିର ଚଳଚଞ୍ଚଳ ହୋଇଛି। ଏ ନେଇ ମନ୍ଦିରକୁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଏସିପି ରଜତ କୁମାର ରାୟ ମଙ୍ଗଳବାର ଅପରାହ୍ନରେ ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନା ଅଞ୍ଚଳରେ ଥିବା ବ୍ରହ୍ମେଶ୍ୱର, ମେଘେଶ୍ୱର, ଚିନ୍ତାମଣିଶ୍ୱର ଓ ବୁଦ୍ଧେଶ୍ୱରୀ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ମନ୍ଦିର ମଧ୍ୟରେ ଅସାମାଜିକଙ୍କ ଉପରେ କଡ଼ା ନଜର ରଖିବା ସହ ସୁରୁଖୁରରେ ଟ୍ରାଫିକ ବ୍ୟବସ୍ଥା ଉପରେ କମିଶନର ଷଡ଼ଙ୍ଗୀ ଗୁରୁତ୍ୱ ଦେଇଥିଲେ। ଏହା ସହିତ ସ୍ଥାନୀୟ ପୋଲିସ ଏଥିପ୍ରତି ସଜାଗ ରହିବା ସହ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଥିବା ଜଣାପଡିଛି।

# ଗଛ କାଟିବା ପ୍ରତିବାଦରେ ଧାରଣା: ଫେରିଲା ମିଳିତ ଟିମ୍

ପୁରୁଣା ଭୁବନେଶ୍ୱର, ୧୮।୨ (ଡି.ଏନ.ଏ.)

ଏକାମ୍ରକ୍ଷେତ୍ରରେ ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟକରଣ ଓ ବିକାଶ ଆଳରେ ବଡ ବଡ ଗଛଗୁଡ଼ିକୁ କାଟିଦେବାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏହାକୁ ବିରୋଧ କରି ମଙ୍ଗଳବାର ଧାରଣା ଦିଆଯିବାରୁ ଗଛ କାଟିବାକୁ ଆସିଥିବା ମିଳିତ ଟିମ୍ ଫେରି ଯାଇଥିଲା।

ଶ୍ରୀଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବା ଦିନଠାରୁ ବହୁ ପୁରାତନ ଗଛକୁ ବିଭିନ୍ନ ସ୍ଥାନରେ କାଟି ଦେବା ଯୋଗୁ ବୁଦ୍ଧିଜୀବୀ ମହଲରେ ବାରମ୍ବାର ବିରୋଧ କରାଯିବା ସହ ଏଗୁଡିକୁ ସୁରକ୍ଷିତ ରଖିବାକୁ ଦାବି ହୋଇ ଆସୁଥିଲା। ପୂର୍ବ ଦିଗରେ ରହିଥିବା ପୁରାତନ ଗଛ ଉତ୍ତର, ଦକ୍ଷିଣ ଦିଗରେ ବହୁ ଗଛ କାଟିବା ସହ କଂକ୍ରିଟ ଟାଇଲ ବିଛାଇ ପ୍ଲାଷ୍ଟିକ କୁଣ୍ଡରେ ଗଛ ଲଗାଯାଇଛି। ଏହାକୁ ଏକାମ୍ରବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ମଙ୍ଗଳବାର ଏହି ଗଛ କଟାକୁ ତୀବ୍ର ବିରୋଧ କରି ଏକାମ୍ର ଜନଜାଗରଣ ମଞ୍ଚର ସଦସ୍ୟାସଦସ୍ୟମାନେ ରଥଖଳାଠାରେ ଥିବା ୫୦୦ ବର୍ଷର ବର ଗଛ ମୂଳେ ଧାରଣା ଦିଆଯାଇଥିଲା, ଯେଉଁଥିପାଇଁ ଗଛ କାଟିବାକୁ ଆସିଥିବା କର୍ମଚାରୀମାନେ କିଛି ସମୟ ଅପେକ୍ଷା କରି ଫେରି ଯାଇଥିଲେ। ଐତିହ୍ୟ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ ନାମରେ ମନ୍ଦିର ଚତୁଃପାର୍ଶ୍ୱ ପରିବେଶ ଉପରେ ଚାଲିଥିବା ଏହି ତାଡନାର ପ୍ରତିବାଦକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିଲା। ଅନେକ ପଥଚାରୀ, ବ୍ୟବସାୟୀ ସ୍ୱାଗତ ଜଣାଇ ଏହି ଧାରଣାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଦୀର୍ଘ ୮ଘଣ୍ଟା ଧରି ଏହି ଧାରଣା ମଞ୍ଚର ଅଧ୍ୟକ୍ଷ ଭୀଷ୍ମନାରାୟଣ ନାୟକଙ୍କ ନେତୃତ୍ୱରେ ଚାଲିଥିଲା। ଧାରଣାସ୍ଥଳରେ ଗଛ ବଞ୍ଚାଅ, ଗଛ ସଂରକ୍ଷଣ ଦିଗରେ ଯତ୍ନଶୀଳ ହେବା ସହ ଏକାମ୍ରକ୍ଷେତ୍ରରେ ଥିବା ଖୋଲା ସ୍ଥାନଗୁଡିକରେ ବନୀକରଣ ସୃଷ୍ଟି କରି ପ୍ରାକୃତିକ ସୌନ୍ଦର୍ଯ୍ୟକରଣ ଉପରେ ପ୍ରାଧାନ୍ୟ ଦିଆଯାଉ ବୋଲି ଦାବି ହୋଇଥିଲା। ଏ ସମ୍ପର୍କରେ ୫-ଟି ସଚିବଙ୍କ ହସ୍ତକ୍ଷେପ ଲୋଡାଯିବ ବୋଲି ମଞ୍ଚ ସ୍ଥିର କରିଥିଲା।

# ଇଜ୍ ଅଫ୍ ଲିଭିଂ ସର୍ଭେରେ ଭଲ ପ୍ରଦର୍ଶନ ପାଇଁ ତତ୍ପରତା

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

- ଶିକ୍ଷାନୁଷ୍ଠାନ, ଏଫ୍‌ଏମ୍, ଏଲଇଡି ଡିସ୍‌ପ୍ଲେରେ କ୍ୟାମ୍ପେନ
- ସ୍ମାର୍ଟସିଟି ସର୍ଭେ ସମୟରେ ହୋଇଥିଲା ଏପରି ପ୍ରୟାସ



ଦେଶର ୧୦୦ ସ୍ମାର୍ଟସିଟିକୁ ନେଇ କେନ୍ଦ୍ର ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହୋଇଥିବା ଇଜ୍ ଅଫ୍ ଲିଭିଂ ତଥା ସହଜ ଜୀବନଶୈଳୀ ଅନୁଭୂତି ସର୍ଭେରେ ଭୁବନେଶ୍ୱରର ସ୍ଥାନ ଉପରକୁ ନେବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବଂ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ଙ୍କ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି। ଓଡ଼ିଶା ତଥା ଭୁବନେଶ୍ୱରର ଜନସାଧାରଣଙ୍କୁ ଏଥିରେ ଅଧିକ ମାତ୍ରାରେ ଜଡ଼ିତ କରିବା ସହ ସର୍ଭେରେ ଭାଗ ନେବାକୁ ସଚେତନ କରାଯାଉଛି। ଏହି ମର୍ମରେ ମଙ୍ଗଳବାର ବିଡିଏ ପକ୍ଷରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ହୋମୱାର୍କ ଫର ପ୍ୟାରେଣ୍ଟସ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍କୁଲ ପିଲାମାନଙ୍କୁ ସହଜ ଜୀବନଶୈଳୀ ଅନୁଭୂତି ସର୍ଭେ ସମ୍ପର୍କରେ ବୁଝାଇବା ସହ ସେମାନଙ୍କୁ ନିଜ ପରିବାର ଲୋକଙ୍କୁ ଏସମ୍ପର୍କରେ ଅବଗତ କରାଇବା ସହ ଭୁବନେଶ୍ୱର କେତେ ମାତ୍ରାରେ ବାସ ଉପଯୋଗୀ ସେନେଇ ସର୍ଭେରେ ମତାମତ ଦେବା ପାଇଁ କୁହାଯାଇଛି। ଫେବୃୟାରୀ ୧ରୁ ଆରମ୍ଭ ହୋଇଥିବା ଏହି ସର୍ଭେ ୨୯ ପର୍ଯ୍ୟନ୍ତ ଚାଲିବ। ଜନସାଧାରଣ http://eol2019.org/Citizenfeed-back ଏହି ଲିଙ୍କ୍ ମାଧ୍ୟମରେ ନିଜର ମତାମତ ଦେଇପରିବେ। ଏହି ସର୍ଭେରେ ଜୀବନଶୈଳୀକୁ ସହଜ କରିବା ପାଇଁ ବିଭିନ୍ନ ବ୍ୟବସ୍ଥା ରହିଛି। ବିଶେଷକରି ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପିଇବା ପାଣି, ଡ୍ରେନେଜ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚଳନା, ଘର ନିର୍ମାଣ, ଯୋଗାଯୋଗ, ମହିଳା ସୁରକ୍ଷା, ଆପତକାଳୀନ ସହାୟତା, ଜୀବିକା ନିର୍ବାହ, ଆର୍ଥିକ ସହାୟତା, ଜୀବିକା ନିର୍ବାହ ଖର୍ଚ୍ଚ, ପରିବେଶ ସୁରକ୍ଷା, ବାୟୁ ପ୍ରଦୂଷଣର ମାତ୍ରା, ବିଦ୍ୟୁତ୍ ଯୋଗାଣ, ବୃକ୍ଷ ରୋପଣ ଆଦି ଉପରେ ଲୋକମାନେ ପାଉଥିବା ସୁବିଧା ସମ୍ପର୍କିତ ମତାମତ ଦେଇପାରିବେ। ଯେଉଁ ସହର ଏହି ସବୁ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବ ସେହି ଅନୁସାରେ ସ୍ଥାନ ରଖିବ। ତେଣୁ ଭୁବନେଶ୍ୱରକୁ ଦେଶର ନଂ ୧ ସ୍ମାର୍ଟ ସିଟି ସହ ଦେଶର ନଂ ୧ ବାସ ଉପଯୋଗୀ ସହର ଭାବେ ଗଢ଼ିତୋଳିବାକୁ ବିଏମ୍‌ସି ଓ ବିଡିଏ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ବିଏମ୍‌ସି, ବିଡିଏ ପକ୍ଷରୁ ଅନ୍ୟାନ୍ୟ କ୍ୟାମ୍ପେନ ଓ କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି। ବିଡିଏ ସୂଚନା ଅନୁଯାୟୀ, ଅଧିକରୁ ଅଧିକ ଲୋକଙ୍କୁ ଏଥିରେ ସାମିଲ କରିବା ପାଇଁ ରାଜଧାନୀର ବିଭିନ୍ନ ସ୍ଥାନରେ ଲାଗିଥିବା ଏଲ୍‌ଇଡି ଡିସ୍‌ପ୍ଲେ ବୋର୍ଡରେ ଭିଡିଓ, ପ୍ଲାକାର୍ଡ ସହ ହୋର୍ଡିଂ, ସୋଶିଆଲ ମିଡିଆରେ କ୍ୟାମ୍ପେନ, ଏଫ୍‌ଏମ୍ ରେଡିଓରେ ପ୍ରଚାର, ଶିକ୍ଷାନୁଷ୍ଠାନରେ କ୍ୟାମ୍ପେନ, କିଓସ୍କ, ମେସେଜ, ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପ୍ଲାକାର୍ଡ ବଣ୍ଟନ, ବସ୍ତିରେ ସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିପାଇଁ ବିଏମ୍‌ସି, ବିଡିଏ, ବିଏସ୍‌ସିଏଲର ଅଫିସର ଓ କର୍ମଚାରୀମାନେ ଘରୋଇ କଲେଜଗୁଡ଼ିକରେ ଏହି କ୍ୟାମ୍ପେନ ଆରମ୍ଭ କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୯/୨୦୨୦ Bhubaneswar, Wednesday, February 19/2020




## ପାନ ଡାଡି: ଶ୍ରୀମନ୍ଦିରରେ ସହାୟକଙ୍କୁ ଧକ୍କା ମାରିଲେ ସେବାୟତ

**ପୁରୀ ଅଫିସ, ୧୮।୨:** ଶ୍ରୀମନ୍ଦିର ଭିତରକୁ କେହି ପାନ, ଗୁଟ୍‌ଖା ଖାଇ ଯାଇପାରିବେ ନାହିଁ। ଏହା ଉପରେ କଟକଣା ଲଗାଇଛି ମନ୍ଦିର ପ୍ରଶାସନ। ଅବମାନନା କଲେ ଜରିମାନା ଆଦାୟର ବ୍ୟବସ୍ଥା ହୋଇଛି। ଏହାସତ୍ତ୍ୱେ କେତେଜଣ ସେବାୟତ, କର୍ମଚାରୀ ଏବଂ ଯାତ୍ରୀ ଗୁମାସ୍ତା ଏହାକୁ ମାନୁନାହାନ୍ତି। ବାରମ୍ବାର କହିବା ସତ୍ତ୍ୱେ ପାନ ଖାଇ ମନ୍ଦିରକୁ ଆସୁଛନ୍ତି। ଜଣେ ସହାୟକ ମଙ୍ଗଳବାର ସେବାୟତଙ୍କ ଆକ୍ରୋଶର ସମ୍ମୁଖୀନ ହେବା ଘଟଣା ଏହାକୁ ସ୍ପଷ୍ଟ କରିଛି। ସହାୟକ ଜଣକ ମନ୍ଦିର ଭିତରେ ପାନ କାହିଁକି ଖାଉଛ ବୋଲି ପଚାରିବାରୁ ତାଙ୍କୁ ଜଣେ ସେବାୟତ ଧକ୍କା ମାରିଥିବା ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ, ସକାଳେ ଜଣେ ଯାତ୍ରୀ ଗୁମାସ୍ତା ପାନ ଖାଉଥିଲେ। ତାଙ୍କୁ ଜଣେ ସହାୟକ ମନ୍ଦିର ଭିତରେ ପାନ, ଗୁଟ୍‌ଖା ଖାଇବା ଉପରେ କଟକଣା ଅଛି, କାହିଁକି ପାନ ଖାଉଛ ବୋଲି ପଚାରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ସେବାୟତ ସମ୍ପୃକ୍ତ ସହାୟକଙ୍କୁ ଠେଲି ଦେଇଥିଲେ। ଫଳରେ ଏହାକୁ ନେଇ କିଛି ସମୟ ମନ୍ଦିର ଭିତରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ପରେ ସହାୟକ ଜଣଙ୍କ ଲିଖିତ ଭାବେ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ସହାନୁଭୂତିପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
- ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ଆଜି କ'ଣ କେଉଁଠି

କଟକ

- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବିଇଡି ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ମହାବିଦ୍ୟାଳୟ ଅଡିଟୋରିୟମ, ପୂର୍ବାହ୍ନ ୧୧ଟା।
- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ଭାଜପା ପକ୍ଷରୁ ଧାରଣା, ଡିଆରଡିଏ କାର୍ଯ୍ୟାଳୟ ସମ୍ମୁଖ, ପୂର୍ବାହ୍ନ ୧୧ଟା।

# ଏତଲା ପରେ ଚୁପ୍ ବସିଛି ପୋଲିସ

**୬ ମାସ ହେବ ନିଖୋଜ ନାବାଳକଙ୍କ ପତ୍ତା ମିଳୁନି**

- ପାନଦୋକାନୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି
- ପଦାରେ ପଡିଛି ନିଷ୍କ୍ରିୟତା

**କଟକ ଅଫିସ,୧୮।୨**

୬ ମାସ ହେବ ପୁଅ ନିଖୋଜ। ସମ୍ପର୍କୀୟଙ୍କଠାରୁ ଆରମ୍ଭ କରି ଚିହ୍ନା ପରିଚିତ ଲୋକଙ୍କ ଘର ଖୋଜାଖୋଜି କରିସାରିଲେଣି। ତଥାପି ପତ୍ତା ମିଳୁନି। ଏକମାତ୍ର ପୁଅ ହଜିଛି ବୋଲି ପେଟକୁ ଦାନା ଯାଉନି କି ଶୋଇପାରୁନି। ଆଇନର ଆଶ୍ରୟ ନେଇଥିଲେ ବି କିଛି ଫଳପ୍ରଦ ହୋଇନାହିଁ। ଏ ସମ୍ପର୍କରେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲି। ବାରମ୍ବାର ଅବଗତ କରିଥିଲେ ମଧ୍ୟ ପୋଲିସ ଏହାକୁ ଗୁରୁତ୍ୱ ଦେଉନି ବୋଲି ଫିରିଙ୍ଗିବଜାରରେ ପାନ ଦୋକାନ କରିଥିବା ପ୍ରଫୁଲ୍ଲ ସାହୁ ଅଭିଯୋଗ କରିଛନ୍ତି। କେବଳ ଏତଲା ଗ୍ରହଣକରି ଚୁପ୍ ବସିଛି। ଫଳରେ ପୋଲିସର ଏହି ନିଷ୍କ୍ରିୟତା ଏବେ ପଦାରେ ପଡ଼ିଛି। ପ୍ରଫୁଲ ଜଣେ ପାନ ଦୋକାନୀ ହୋଇଥିବାରୁ ତାଙ୍କ ଏତଲାକୁ ହାଲକା ଭାବେ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ପ୍ରଫୁଲଙ୍କ ଘର ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ଗ୍ରାମରେ ହୋଇଥିବାବେଳେ ଦୀର୍ଘ ୨୨ବର୍ଷ ହେବ ସେ କଟକ ଫିରିଙ୍ଗିବଜାରରେ ଏକ ପାନ ଦୋକାନ କରିଛନ୍ତି। ୩ ବର୍ଷ ତଳେ କ୍ୟାନ୍ସର ରୋଗରେ ସ୍ତ୍ରୀ ନମିତାଙ୍କର ମୃତ୍ୟୁ ଘଟିଥିଲା। ଦୁଇ ଝିଅ ଗାଁରେ ରହୁଥିବାବେଳେ ପୁଅ ଶିବୁ କୁମାର ସାହୁଙ୍କୁ ପ୍ରଫୁଲ ୨୦୧୯ ଜାନୁୟାରୀରେ କଟକ ଆଣିଥିଲେ। କଟକ ଆସିବାବେଳେ ଶିବୁ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ମାଆ ମରିଯିବା ପରେ ଶିବୁ ପାଠପଢ଼ାରେ ମନ ଦେଉ ନ ଥିଲେ ବୋଲି ପ୍ରଫୁଲ କହିଛନ୍ତି। କଟକରେ କାମ କରି ଟଙ୍କା ରୋଜଗାର କରିବାକୁ ଶିବୁ ଜିଦ୍ ଧରିଥିଲେ। ପରେ ଝୋଲାସାହିର ଏକ ଦୋକାନରେ ପାର୍ଟଟାଇମ୍ କାମ କରିବା ପାଇଁ ଶିବୁଙ୍କୁ ପ୍ରଫୁଲ ଭର୍ତ୍ତି କରିଥିଲେ। ଗତ ଜୁଲାଇରେ ପ୍ରଫୁଲଙ୍କର ଦେହ ଖରାପ ହୋଇଥିଲା। ଦିନକୁ ଦିନ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ସେ ଦୋକାନ ଖୋଲି ନ ପାରି ଗାଁକୁ ଚାଲି ଯାଇଥିଲେ। ଗାଁରେ ଥିବାବେଳେ ସେ ଶିବୁ ସହ ଫୋନ୍‌ରେ ଯୋଗାଯୋଗ କରିଥାନ୍ତି। ହେଲେ ହଠାତ୍ ପୁଅର ଫୋନ ସୁଇଚ୍ ଅଫ ଆସିଥିଲା। ଅସ୍ତବ୍ୟସ୍ତ ହୋଇ କଟକ ଆସି ପୁଅ କାମ କରୁଥିବା ଦୋକାନର ମାଲିକଙ୍କୁ ପଚାରିଥିଲେ। ଶିବୁ କୁଆଡେ ଯାଇଛି ଆମେ କେମିତି ଜାଣିବୁ ବୋଲି ଦୋକାନ ମାଲିକ କହିଥିଲେ। ପରବର୍ତ୍ତୀ ସମୟରେ ଖୋଜାଖୋଜି କରିବା ସହିତ ବିଭିନ୍ନ ସ୍ଥାନରେ ଥିବା ସମ୍ପର୍କୀୟଙ୍କୁ ଫୋନ କରି ପୁଅ ବିଷୟରେ ପଚାରିଥିଲେ ବି କିଛି ଖବର ମିଳି ନ ଥିଲା। ଏ ନେଇ ସେ ପୁରୀଘାଟ ଥାନାରେ ଅଭିଯୋଗ କରିଥିଲେ। ଥାନାକୁ ଅନେକ ଥର ଯାଇ ପ୍ରଫୁଲ ନୟାନ୍ତ ହୋଇଥିଲେ ମଧ୍ୟ ପୋଲିସ ଶିବୁଙ୍କୁ ଖୋଜି ପାଇବାରେ ବିଫଳ ହୋଇଛି। ପୁଅକୁ ନ ପାଇ ମାନସିକ ଭାବେ ଭାଙ୍ଗିପଡ଼ିଛି ବୋଲି ପ୍ରଫୁଲ୍ଲ କହିଛନ୍ତି। ଏ ସମ୍ପର୍କରେ ପୁରୀଘାଟ ଥାନାଧିକାରୀ ରଶ୍ମି ରଞ୍ଜନ ସାହୁ କୁହନ୍ତି, ନାବାଳକଙ୍କୁ ଖୋଜାଖୋଜି କରାଯାଇଥିଲା। ହେଲେ ନାବାଳକ ସମ୍ପର୍କରେ ଠୋସ୍ ଖବର ମିଳିପାରୁନାହିଁ। ଏବେ ବି ଘଟଣାର ତଦନ୍ତ ଜାରି ରହିଛି।



ମହାଶିବରାତ୍ରିର ଅବ୍ୟବହିତ ପୂର୍ବରୁ କଟକ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପରିସରରେ ଧାତୁ ନିର୍ମିତ ସର୍ପଦେବତାଙ୍କୁ ଯୁବକମାନେ ସଫା କରୁଛନ୍ତି।

## ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ

**କଟକ ଅଫିସ, ୧୮।୨**

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାରନୂଆଗାଁ ଓ ଗୁରୁଡିଝାଟିଆ ଥାନା ଅଧୀନ କୋଲଥପଙ୍ଗି ଗ୍ରାମ ମଧ୍ୟବର୍ତ୍ତୀ ଗୋଚର ଜମିକୁ ପ୍ରଶାସନ ସିମେଣ୍ଟ କାରଖାନା ଓ କୋଇଲା ଭିତ୍ତିକ ପାୱାର ପ୍ଲାଣ୍ଟ ନିର୍ମାଣ ପାଇଁ ଏକ କମ୍ପାନୀକୁ ହସ୍ତାନ୍ତର କରିଛି। ଏହି ପ୍ରଦୂଷଣ ସୃଷ୍ଟିକାରୀ କାରଖାନା ପ୍ରତିଷ୍ଠା ହେଲେ ପାଖାପାଖି ୧୦ଟି ଗ୍ରାମର ଲୋକଙ୍କ ଜୀବନଯାପନ ଉପରେ ପ୍ରଭାବ ପଡିବ, ପାହାଡରୁ ଆସୁଥିବା ଜଳସ୍ରୋତ ବନ୍ଦହୋଇ ସମଗ୍ର ଅଞ୍ଚଳ ମରୁଭୂମିରେ ପରିଣତ ହେବ ଓ ହାତୀ ଉପଦ୍ରବ ବିପଜ୍ଜନକ ହେବ। ଫଳରେ ୭ବର୍ଷ ହେବ ଗ୍ରାମବାସୀ ଏହି କାରଖାନା ନିର୍ମାଣକୁ ବିରୋଧ କରିଆସୁଛନ୍ତି। ମାତ୍ର ପ୍ରଶାସନ ସମଗ୍ର ଅଞ୍ଚଳରେ ୧୪୪ ଧାରା ଜାରି କରିବା ଦ୍ୱାରା ଜୋରଜବରଦସ୍ତ କାରଖାନା ନିର୍ମାଣ ପାଇଁ ଉଦ୍ୟମ କରାଯାଉଛି। ଗ୍ରାମବାସୀଙ୍କୁ ଗିରଫ କରିବା ପାଇଁ ପୋଲିସ ଧମକ ଦେଉଛି। ପୋଲିସର କାର୍ଯ୍ୟାନୁଷ୍ଠାନ ଆଶଙ୍କାକୁ ଦୃଷ୍ଟିରେ ରଖି ଶଙ୍ଖେଶ୍ୱର ପରିବେଶ ଓ ଗୋଚର ସୁରକ୍ଷା ସମିତି ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀଙ୍କୁ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୋଲଥପଙ୍ଗି ଓ ଖମାର ନୂଆଗାଁ ଗ୍ରାମବାସୀଙ୍କ ନାମରେ ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରାଯାଇ ଗିରଫଦାରିକୁ ବନ୍ଦ କରାଯାଉ ଓ ପ୍ରଶାସନ ଦ୍ୱାରା ଲାଗୁ ହୋଇଥିବା ୧୪୪ ଧାରାକୁ ଶୀଘ୍ର ପ୍ରତ୍ୟାହାର କରାଯାଉ ବୋଲି ସମିତି ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପିଙ୍କ ନିକଟରେ ଦାବି କରାଯାଇଛି। ଏହି ସ୍ମାରକପତ୍ର ପ୍ରଦାନ ସମୟରେ ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ଖବରଦାତା ସତ୍ୟ ରାୟ, ଖଗେଶ୍ୱର ସେଠୀ, ଆଇନଜୀବୀ ସୁକାନ୍ତ ନାୟକ, ବିଜୟ ରାଉତ ରାୟ, ରାଜକିଶୋର ମଲ୍ଲିକ, ଭାଗ୍ୟରବି ଦାସ ଉପସ୍ଥିତ ଥିଲେ।

## ଡ. ଇତିରାଣୀ ସାମନ୍ତ ପାଇବେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସ୍ୱତ ସମ୍ମାନ

**କଟକ ଅଫିସ, ୧୮।୨:** ମାସିକ ପତ୍ରିକା 'କାଦମ୍ବିନୀ'ର ସମ୍ପାଦିକା ଡ. ଇତିରାଣୀ ସାମନ୍ତ ପାଇବେ ଚଳିତବର୍ଷର ମର୍ଯ୍ୟାଦାଜନକ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାରସତ୍ୱ ସମ୍ମାନ। ଆସନ୍ତା ୨୨ ତାରିଖରେ କଟକ ସାରଳା ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ଫାଉଣ୍ଡେଶନର ସାଧାରଣ ସମ୍ପାଦକ ଚୌଧୁରୀ ସତ୍ୟ ଦାସ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଡ. ସାମନ୍ତ ଜଣେ ଯଶସ୍ୱିନୀ ଲେଖିକା। 'ତଥାପି', 'ଇତି ତୋର ଲିପ୍ସା', 'କଥାବାର୍ତ୍ତା', 'ଝଡ ପରର ସୂର୍ଯ୍ୟ ଓ କ୍ରାନ୍ତିଧାରା', 'ନୀରବ ଆଳାପ', 'କଥାରେ କଥାରେ ଉପନ୍ୟାସରେ ନାରୀ ଚରିତ୍ର', 'ଚର୍ଚ୍ଚରେ ଚନ୍ଦ୍ରଶେଖର' ଆଦି ଓଡ଼ିଆ ସାହିତ୍ୟ ତାଙ୍କର କୃତି।



## ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ୨୨୬୪ ମାଟ୍ରିକ୍ ପରୀକ୍ଷାର୍ଥୀ

**ଚୌଦ୍ୱାର,୧୮।୨(ଡି.ଏନ୍.ଏ):** ଚଳିତବର୍ଷ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେଉଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ମୋଟ ୨୨୬୪ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ଡିଇଓ ନିରଞ୍ଜନ ବେହେରା କହିଛନ୍ତି। ପରୀକ୍ଷାକୁ ଠିକ୍ ଭାବେ ପରିଚାଳନା କରିବା ପାଇଁ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚୌଦ୍ୱାର ପୌରପାଳିକା, ଟାଙ୍ଗୀ-ଚୌଦ୍ୱାର ବ୍ଲକ ଓ ଆଠଗଡ଼ ବ୍ଲକର ପୂର୍ବାଞ୍ଚଳରେ ଥିବା ମୋଟ ୧୩ଟି ପରୀକ୍ଷା କେନ୍ଦ୍ର ପାଇଁ ଚୌଦ୍ୱାରସ୍ଥିତ କଳିଙ୍ଗ ବିଦ୍ୟାପୀଠକୁ ନୋଡାଲ ପ୍ରଶ୍ନପତ୍ର ହବ୍ ସେଣ୍ଟର ଭାବେ ଘୋଷଣା କରାଯାଇଛି। ଏହି ହବ୍ ସେଣ୍ଟରରୁ ପରୀକ୍ଷା କେନ୍ଦ୍ର ଚୌଦ୍ୱାର ପୌରାଞ୍ଚଳର ମ୍ୟୁନିସିପାଲ ସରକାରୀ ହାଇସ୍କୁଲ, ଓଟିଏମ୍ ହାଇସ୍କୁଲ, କଳିଙ୍ଗ ବିଦ୍ୟାପୀଠ, ଦୌଲତାବାଗସ୍ଥିତ ନିଗମାନନ୍ଦ ବିଦ୍ୟାପୀଠ, ଟାଙ୍ଗୀ ବିଦ୍ୟାପୀଠ, ଭଗତପୁର ବିଦ୍ୟାପୀଠ, ନିଗମାନନ୍ଦ ବିଦ୍ୟାପୀଠ ସର୍ଦ୍ଧୋଳା, ଶଙ୍କରପୁରସ୍ଥିତ ଗାନ୍ଧୀ ବିଦ୍ୟାପୀଠ, ଗୁରୁଡ଼ିଝାଟିଆ ବାଳିକା ହାଇସ୍କୁଲ, ଆଗ୍ରାହାଟ ହାଇସ୍କୁଲ, ଗୋବିନ୍ଦପୁରସ୍ଥିତ ସିଦ୍ଧଗିରି ହାଇସ୍କୁଲ, ବିଶ୍ୱନାହାକାଣୀ ହାଇସ୍କୁଲ, ନଖରାସ୍ଥିତ ସାଧୁସୁନ୍ଦର ବିଦ୍ୟାପୀଠକୁ ପ୍ରଶ୍ନପତ୍ର ଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। କଳିଙ୍ଗ ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ପହଞ୍ଚିବା ପରେ ଏହାକୁ ଷ୍ଟ୍ରଙ୍ଗ ରୁମ୍‌ରେ କଡ଼ା ସୁରକ୍ଷା ମଧ୍ୟରେ ରଖାଯାଇଛି। ବିଭିନ୍ନ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ନିଯୁକ୍ତ ଟିମ୍‌ଗୁଡ଼ିକ ବୁଧବାର ସକାଳେ ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଯାଇ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପ୍ରଶ୍ନପତ୍ର ହସ୍ତାନ୍ତର କରିବେ। ନିର୍ଦ୍ଧାରିତ ସମୟରେ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପ୍ରଶ୍ନପତ୍ର ପହଞ୍ଚାଇବା ବ୍ୟବସ୍ଥା କରାଯାଇଥିବା ହବ୍ ସେଣ୍ଟର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ମମତା ସାହୁ କହିଛନ୍ତି।




ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସିପିଆଇ ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

## ବନାଞ୍ଚଳ ଅଧିକାରୀଙ୍କୁ ଗାଳିଗୁଲଜ କରି ଯୁବକ ଗିରଫ

**ଖୁଣ୍ଟୁଣୀ,୧୮।୨(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରାଙ୍କୁ ମୋବାଇଲ ଫୋନ୍‌ରେ ଗାଳିଗୁଲଜ କରିବା ଅଭିଯୋଗରେ ବନବିଭାଗ ଜଣେ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ କଖଡି ଗ୍ରାମର ପ୍ରଦୀପ କୁମାର ନାୟକ। ଏ ନେଇ ବନାଞ୍ଚଳ ପକ୍ଷରୁ ଏକ ମାମଲା ନଂ. ୪୮/କେ/୧୯/୨୦ ରୁଜୁ ହୋଇଛି। ସୂଚନାଥାଉ କି, ଗତ ଜାନୁୟାରୀ ୧୨ରେ କଖଡି ଗ୍ରାମର ଆଖୁ ବିଲରେ ଏକ ହାତୀ ପଶି ଫସଲ ନଷ୍ଟ କରୁଥିଲା। ଏ ନେଇ ପ୍ରଦୀପ ବନାଞ୍ଚଳ ଅଧିକାରୀଙ୍କୁ ମୋବାଇଲ ଫୋନରେ ଗାଳିଗୁଲଜ କରିବା ସହ ଆଖୁ ବିଲରେ ୨୫ହାତୀ ପଶିଥିବା କହିଥିଲେ। ତୁରନ୍ତ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀ ନ ଥିବା ଦେଖିବାକୁ ପାଇଥିଲେ। ଏହା ପରେ ଜଣେ ବନ କର୍ମଚାରୀ ହାତୀ ନ ଥିବା କହିବାରୁ ପ୍ରଦୀପ ରାଗିଯାଇ କର୍ମଚାରୀଙ୍କୁ ଗାଳିଗୁଲଜ ସହ ତାଙ୍କ ମୋବାଇଲ ଫୋନ ଭାଙ୍ଗି ଦେଇଥିଲେ। ଏ ନେଇ ସେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଏହା ପରେ ପ୍ରଦୀପ ଫେରାର ହୋଇଯାଇଥିଲେ। ସୋମବାର ପ୍ରଦୀପ ଘରକୁ ଆସିଥିବା ଖବରପାଇ ବନବିଭାଗ ତାଙ୍କ ଘରେ ଚଢ଼ାଉ କରି ତାଙ୍କୁ ଧରି ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ।

## ୨୨ରୁ ବିଶ୍ୱ ସବୁଜ ମହାସଂଗ୍ରାମ କାର୍ଯ୍ୟକ୍ରମ

**କଟକ ଅଫିସ, ୧୮।୨**

ସମଗ୍ର ବିଶ୍ୱ ସମ୍ମୁଖରେ ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ବୃଦ୍ଧି, ପରିବେଶ ପ୍ରଦୂଷଣ, ସାମୁଦ୍ରିକ ଝଡ ଆଦି ମହାସଙ୍କଟ ଭାବେ ଦେଖାଦେଇଛି। ଏହାର ପ୍ରଭାବରେ ପୃଥିବୀ ପୃଷ୍ଠରେ ବହୁ ଜୀବଜନ୍ତୁ ଲୋପ ପାଇଗଲେଣି। ଏଥିସହିତ ଗଛ, ଜଙ୍ଗଲ କମି ଆସୁଥିବାରୁ ପୃଥିବୀ ଦିନକୁ ଦିନ ଧ୍ୱଂସାଭିମୁଖୀ ହେବାରେ ଲାଗିଛି। ତେଣୁ ବିଶ୍ୱକୁ ସବୁଜସୁନ୍ଦର କରିବା ପାଇଁ ସବୁବର୍ଗର ଲୋକଙ୍କୁ ନେଇ କଟକରୁ ଆରମ୍ଭ ହେବାକୁ ଯାଉଛି 'ବିଶ୍ୱ ସବୁଜ ମହାସଂଗ୍ରାମ' କାର୍ଯ୍ୟକ୍ରମ। ଆସନ୍ତା ୨୨ ତାରିଖରୁ କଟକ ବାରବାଟୀ ଷ୍ଟାଡିୟମରୁ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହେବ। ଏଥିରେ ୨ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ସାମିଲ ହେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଉଛି ଗୋଟିଏ ବର୍ଷ ମଧ୍ୟରେ ଦେଶରେ ୧୦କୋଟି ଅଧିକ ବୃକ୍ଷରୋପଣ କରିବା। ଏନେଇ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ୍ ଆର୍ମିର କମାଣ୍ଡର ଇନ୍ ଚିଫ ଡ. ଦିଲୀପ ଶ୍ରୀଚନ୍ଦନ ମଙ୍ଗଳବାର ଓସିଏ ସମ୍ମେଳନ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପ୍ରକାଶ ଶ୍ରୀଚନ୍ଦନ, ଅଶୋକ ସୁନ୍ଦରରାୟ, ଅଭିନେତା ଶ୍ରୀତମ ଦାସ, ଅନୁଷ୍ଠାନର ସଂଯୋଜକ ସହଦେବ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗଗତ ସମାନତା ଶୀର୍ଷକ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**କଟକ ଅଫିସ, ୧୮।୨**

ଖ୍ରୀଷ୍ଟ ମହାବିଦ୍ୟାଳୟର ଇକ୍ୱାଲ ଅପରଚ୍ୟୁନିଟି ସେଲ୍ ପକ୍ଷରୁ 'ଲିଙ୍ଗଗତ ସମାନତା' ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗାଳ୍ପିକା ହରନମୟୀ ମିଶ୍ର ଯୋଗଦେଇ କହିଥିଲେ, ସମ୍ପ୍ରତି ସମାଜରେ ଲିଙ୍ଗଗତ ବିଭେଦ ଉପରେ ରହିଥିବା ବିଭିନ୍ନ ସମସ୍ୟା ଓ ତାହାର ନିରାକରଣ ପାଇଁ ସବୁସ୍ତରରେ ସଚେତନତାର ଆବଶ୍ୟକତା ରହିଛି। ଅଧ୍ୟକ୍ଷ ଡ. ସିଦ୍ଧାର୍ଥ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ବିନୀତା ନନ୍ଦ ସୂଚନା ପ୍ରଦାନ, ଅଧ୍ୟାପିକା ମଧୁସ୍ମିତା ଯାଚକ ଅତିଥି ପରିଚୟ ପ୍ରଦାନ ଓ ଡ. ପ୍ରଦ୍ୟୁମ୍ନ ଦାଶ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡ. ଦେବଯାନୀ ଦାଶଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମ ଦର୍ଶନ ଆଧ୍ୟାତ୍ମିକ ମେଳା ଉଦ୍‌ଘାଟିତ

**କଣ୍ଟାପଡ଼ା,୧୮।୨(ଡି.ଏନ୍.ଏ.)**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ, ବିଶ୍ୱଶାନ୍ତି ସରୋବର ଅନନ୍ତପୁର, ଆଞ୍ଚଳିକ ସେବାକେନ୍ଦ୍ର ଓ ଉପସେବାକେନ୍ଦ୍ର ମିଳିତ ସହଯୋଗରେ ଜଗନ୍ନାଥପୁର ଓମ୍‌ଫେଡ ପଡିଆରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗମ ଦର୍ଶନ ଆଧ୍ୟାତ୍ମିକ ମେଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜୟଦେବ ନିର୍ବାଚନମଣ୍ଡଳୀ ବିଧାୟକ ଡ. ଅରବିନ୍ଦ ଢାଲି, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଟକ ସବଜୋନ ନିର୍ଦ୍ଦେଶିକା ବ୍ରହ୍ମାକୁମାରୀ ରାଜଯୋଗିନୀ କମଳେଶ, ରାଜଯୋଗିନୀ ସୁଲୋଚନା, ବ୍ରହ୍ମାକୁମାର ଅରୁଣ ପଣ୍ଡା, ବ୍ରହ୍ମାକୁମାର ମୋହନ ଭାଇ, ସୁଧାଂଶୁ ଜେନା ପ୍ରମୁଖ ଯୋଗଦେଇ ଆତ୍ମସାଧନ ଉପରେ ଆଲୋଚନା କରିଥିଲେ। ଏହି ମେଳାରେ ପ୍ରତ୍ୟେକ ଦିନ ଆଧ୍ୟାତ୍ମିକ ପ୍ରବଚନ, ପାଲା, ଚିତ୍ର ପ୍ରଦର୍ଶନୀ ଓ ଚୈତନ୍ୟଦେବ ଝାଙ୍କୀ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଜଣାପଡିଛି।

## ବଡ଼ଖଣ୍ଡାଏତା ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ

**କଟକ ସଦର,୧୮।୨(ଡି.ଏନ୍.ଏ.)**

ପାରାଦୀପ-କଟକ ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳରେ ପ୍ରତିଦିନ ବିଳମ୍ବ ଘଟିବା ପ୍ରତିବାଦରେ ମଙ୍ଗଳବାର ସକାଳେ ଯାତ୍ରୀମାନେ ବଡଖଣ୍ଡାଏତା ଷ୍ଟେଶନରେ ରେଳରୋକୋ ଆନ୍ଦୋଳନ କରିଥିଲେ। ବହୁସଂଖ୍ୟକ ଯାତ୍ରୀ ପାରାଦୀପ-କଟକ ମେମୁ ଟ୍ରେନ୍ ସମ୍ମୁଖରେ ଧାରଣା ଦେବାରୁ ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଉଭୟ ପଟୁ ଟ୍ରେନ୍ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା। ପ୍ରତିଦିନ ପାରାଦୀପ ଷ୍ଟେଶନରୁ ୫୮୪୦୨ ମେମୁ ଟ୍ରେନ୍ ବିଳମ୍ବରେ ଛାଡୁଥିବାରୁ ନିର୍ଦ୍ଧାରିତ ସମୟରେ କଟକରେ ପହଞ୍ଚିପାରୁନାହିଁ। ଫଳରେ ଭୁବନେଶ୍ୱର, ଜଟଣୀ ଅଭିମୁଖେ ଯିବା ପାଇଁ ଏହି ଟ୍ରେନ୍‌ରେ ଥିବା ସରକାରୀ କର୍ମଚାରୀମାନେ ଆଉ ଲିଙ୍କ୍ ଭଦ୍ରକ-ପଲାସା ଯାତ୍ରୀବାହୀ ଟ୍ରେନ୍‌ରେ ଯାଇପାରନ୍ତି ନାହିଁ। ମାସିକିଆ ସିଜନ ଟିକେଟ କରିଥିବା ଯାତ୍ରୀମାନଙ୍କୁ ବାଧ୍ୟ ହୋଇ ୩୦ ଟଙ୍କା ଖର୍ଚ୍ଚ କରି ବସ୍ ଯୋଗେ ଭୁବନେଶ୍ୱର ଯିବାକୁ ପଡେ। ମାଲ୍‌ବାହୀ ଟ୍ରେନ୍‌କୁ ଗୁରୁତ୍ୱ ଦିଆଯାଉଥିବାରୁ ଯାତ୍ରୀବାହୀ ଟ୍ରେନ୍‌ରେ ଯାତ୍ରୀମାନେ ହନ୍ତସନ୍ତ ହେଉଛନ୍ତି ବୋଲି କେତେଜଣ ସଚେତନ ଯାତ୍ରୀ ପରିଚୟ ଗୋପନ ରଖି କହିଛନ୍ତି। ରେଳରୋକୋ ଚାଲିଥିବାବେଳେ ସ୍ପେଶାଲ ସ୍କ୍ୱାଡ୍ ବିନା ଟିକେଟ୍‌ରେ ଯାଉଥିବା ଲୋକଙ୍କଠାରୁ ଜରିମାନା ଆଦାୟ କରିବା ଘଟଣା ମଧ୍ୟ ଆନ୍ଦୋଳନକୁ ଖୋରାକ ଯୋଗାଇଥିଲା। ଆଗାମୀ ଦିନରେ ଟ୍ରେନ୍ ଚଳାଚଳ ଠିକ୍ ସମୟରେ ହେବ ବୋଲି ଜଟଣୀସ୍ଥିତ ଡିଆରଏମ୍ କାର୍ଯ୍ୟାଳୟରୁ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଡ. କିଶୋର ଦାସଙ୍କୁ ମୁଖ୍ୟ ୱାର୍ଡେନ ଦାୟିତ୍ୱ

**ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

**କଟକ ଅଫିସ,୧୮।୨**

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ମୁଖ୍ୟ ୱାର୍ଡେନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଡ. କିଶୋର ଦାସ। ପ୍ରଫେସର ସ୍ମୃତିପ୍ରଭା ଦାସ ଏହି ଦାୟିତ୍ୱରେ ଥିଲେ। ପୂର୍ବରୁ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ସମେତ ଡେପୁଟି ମୁଖ୍ୟ ୱାର୍ଡେନ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଡ. କିଶୋର ରହିଥିଲେ। ଡ. ଦାସ ଏମ୍‌ବିଏ ବିଭାଗର ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଅନ୍ୟପକ୍ଷରେ ଡ. ସବିତା ନାୟକଙ୍କୁ ଡେପୁଟି ମୁଖ୍ୟ ୱାର୍ଡେନ ଭାବେ ଦାୟିତ୍ୱ ଦିଆଯାଇଛି। ହଷ୍ଟେଲ କର୍ମଚାରୀ ସଂଘ ପକ୍ଷରୁ ଦାୟିତ୍ୱ ଗ୍ରହଣ କରିଥିବା ଦୁଇ ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ପ୍ରକାଶ ଦାସ, ସମ୍ପାଦକ ଗୌରହରି ନାୟକ, ଯୁଗ୍ମ ସମ୍ପାଦକ ଅମୂଲ୍ୟ ବାରିକ, କୋଷାଧ୍ୟକ୍ଷ ମୀନା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କଟକ କଲେଜରେ ଆଲୋଚନାଚକ୍ର

**କଟକ ଅଫିସ, ୧୮।୨**



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିବୃନ୍ଦ।

ବିଦ୍ୟାଧରପୁରସ୍ଥିତ କଟକ କଲେଜରେ ଓଡ଼ିଆ ଓ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ମଙ୍ଗଳବାର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ 'ଭାଗବତ୍‌କାର ଜଗନ୍ନାଥ ଦାସଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ' ଶୀର୍ଷକ ଉପରେ ଆଲୋଚନା କରାଯାଇଥିଲା। ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ କହିଥିଲେ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ବହୁମୁଖୀ ପ୍ରତିଭା, ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅସୀମ ଭକ୍ତିଭାବ, ଆଧ୍ୟାତ୍ମିକ ସାରସ୍ୱତ ସମ୍ଭାରକୁ ଅଧିକ ଶାଣିତ ଓ ମାଧୁର୍ଯ୍ୟମୟ କରିବା ଦିଗରେ ତାଙ୍କର ବଳିଷ୍ଠ ଅବଦାନ ରହିଛି। ବକ୍ତା ଡ. ବିଦ୍ୟାଭୂଷଣ ମହାନ୍ତି କହିଥିଲେ, ଶ୍ରୀଚୈତନ୍ୟଙ୍କ ସହ ଅତିବଡ଼ିଙ୍କ ଆଧ୍ୟାତ୍ମିକ ସଂସର୍ଗ, ଉତ୍କଳୀୟ ଐତିହ୍ୟ ସଂସ୍କୃତି ଓ ପରମ୍ପରାକୁ ସମୁଜ୍ଜ୍ୱଳ କରିବା ଦିଗରେ ଅତିବଡ଼ୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ପ୍ରଶାସନିକ ଅଧିକାରୀ ମେଜର ପୂର୍ଣ୍ଣଚନ୍ଦ୍ର ସାହୁ, ବିଭାଗୀୟ ମୁଖ୍ୟ ଡ. ଅମିତାରାଣୀ ଜେନା, ନିରୁପମା ଚୌଧୁରୀ ଉପସ୍ଥିତ ଥିଲେ। ନାରାୟଣ ମହାରଣା ଓ ସନାତନ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପକ ପୃଥ୍ୱୀରାଜ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଆକ୍ୱାଗାର୍ଡ ଅଚଳ: ଛାତ୍ରୀଛାତ୍ର ଅସନ୍ତୁଷ୍ଟ

**ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ପାନୀୟଜଳ ସମସ୍ୟା**

**କଟକ ଅଫିସ, ୧୮।୨**

କଟକ ରାଜାବଗିଚାସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜରେ ଅନେକ ସମସ୍ୟା ରହିଛି। ଏ ସମ୍ପର୍କରେ ଅଭିଯୋଗ ହେଲେ ମଧ୍ୟ କଲେଜ କର୍ତ୍ତୃପକ୍ଷ ସବୁ ଦେଖି ବି ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। କିଛିମାସ ହେବ କଲେଜର ଆକ୍ୱାଗାର୍ଡ ଅଚଳ ହୋଇପଡିଥିବାରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କଲେଜର ବିଏଜ କମନରୁମ୍ ଓ ବିଜ୍ଞାନ ବିଭାଗ ପରୀକ୍ଷାଗାର ନିକଟରେ ଦୁଇଟି ଆକ୍ୱାଗାର୍ଡ ରହିଛି। ଏହା ଉପରେ କଲେଜର ପ୍ରାୟ ୩୨୦୦ ଛାତ୍ରୀଛାତ୍ର ନିର୍ଭର କରନ୍ତି। ହେଲେ ଗତ ତିନିମାସ ହେବ ଏହି ଦୁଇଟି ଆକ୍ୱାଗାର୍ଡ ଅଚଳ ହୋଇପଡିଛି। ଫଳରେ ପାଣି ପାଇଁ ଛାତ୍ରୀଛାତ୍ରମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ଉପାୟ ନ ପାଇଁ ମହାବିଦ୍ୟାଳୟ ପରିସରସ୍ଥ ଏକ ଟ୍ୟାପରେ ଆସୁଥିବା ମ୍ୟୁନିସିପାଲିଟି ପାଣିକୁ ଛାତ୍ରୀଛାତ୍ର ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି। ଗୋଟିଏ ପଟେ ସହରରେ ଦୂଷିତ ପାନୀୟଜଳ ପିଇ ଲୋକମାନେ ଝାଡାବାନ୍ତିରେ ଆକ୍ରାନ୍ତ ହେଉଥିବାବେଳେ ଏବେ ଏହି ଟ୍ୟାପ୍‌ରୁ ବାହାରୁଥିବା ପାଣି ପିଇବାକୁ ଛାତ୍ରୀଛାତ୍ରମାନେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଆକ୍ୱାଗାର୍ଡ ଅଚଳ ସମ୍ପର୍କରେ ଅନେକଥର କଲେଜ ଅଧ୍ୟକ୍ଷ ଡ. ଦେବାଶିଷ ଜେନାଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଏ ନେଇ ଅଧ୍ୟକ୍ଷ ଡ. ଜେନା କହିଛନ୍ତି, ଛାତ୍ରୀଛାତ୍ର ଏ ବିଷୟରେ ମୋତେ ଅବଗତ କରାଇଥିଲେ। ଆକ୍ୱାଗାର୍ଡର ମରାମତି କାର୍ଯ୍ୟ ପାଇଁ କୁହାଯାଇଛି। ଆସନ୍ତା ଦୁଇ ଦିନ ମଧ୍ୟରେ ମରାମତି କରାଯିବ।





ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।
- ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ଗାଡି ଧକ୍କାରେ ଜଣେ ମୃତ

**ଆଠଗଡ଼, ୧୮।୨(ସ୍ୱ.ପ୍ର.):** ଆଠଗଡ଼ ଏନ୍‌ଏସି ଅନ୍ତର୍ଗତ ବୀରକିଶୋରପୁର ଛକରେ ମଙ୍ଗଳବାର ରାତି ପ୍ରାୟ ୮ଟାରେ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ଆଠଗଡ଼ ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର ଗ୍ରାମର ପହଲ୍ଲାଦ ମହାରଣାଙ୍କ ପୁଅ ପ୍ରଶାନ୍ତ(୩୨) ଓ ଗୁରୁତର ଜଣକ ହେଲେ ରମେଶ ମନ୍ତ୍ରୀଙ୍କ ପୁଅ କାହ୍ନୁ। ଉଭୟ ଏକ ବାଇକ୍‌ରେ ଆଙ୍ଗୁଲା ଆଡୁ ଘରକୁ ଫେରୁଥିବା ବେଳେ ବୀର କିଶୋରପୁର ଛକରୁ ପ୍ରାୟ ୧୦୦ ମିଟର ଦୂରରେ ଆଠଗଡ଼ରୁ ଟିଗିରିଆ ଅଭିମୁଖେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଚିକିତ୍ସାଳୟ ପକ୍ଷରୁ ଆଠଗଡ଼ ଥାନାରେ ଖବର ଦିଆଯାଇଛି। ବୁଧବାର ପ୍ରଶାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ପାଣି କୁଣ୍ଡରେ ପଡ଼ି ଶିଶୁପୁତ୍ର ମୃତ

**ଆଠଗଡ଼,୧୮।୨(ସ୍ୱ.ପ୍ର.):** ପାଣି କୁଣ୍ଡରେ ପଡିଯିବାରୁ ଆଠଗଡ଼ ଥାନା ଅନ୍ତର୍ଗତ ରାଧାବତୀପୁରସ୍ଥିତ ଶ୍ରୀକାନ୍ତ ଜେନାଙ୍କ ୧୧ମାସ ଶିଶୁପୁତ୍ରର ମଙ୍ଗଳବାର ମୃତ୍ୟୁ ଘଟିଛି। ଶୀକାନ୍ତଙ୍କ ସ୍ତ୍ରୀ ଅଗଣାରେ କାମ କରୁଥିବା ବେଳେ ତାଙ୍କ ଶିଶୁ ନିକଟରେ ଖେଳୁଥିଲା। ଏହି ସମୟରେ ଭୁଲବଶତଃ ସେ ପାଖରେ ଥିବା ପାଣି କୁଣ୍ଡକୁ ଖେଳିବାକୁ ଯାଇ ପଡିଯାଇଥିଲା। ତାକୁ ମା' ତୁରନ୍ତ ଉଦ୍ଧାର କରି ଆଠଗଡ଼ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିଲା।

### ସାଇ ବାବା ମନ୍ଦିରର ବାର୍ଷିକ ଉତ୍ସବ

**ସାଲେପୁର,୧୮।୨(ଡି.ଏନ୍.ଏ.):** ସାଲେପୁର କୁଆଁପାଳ ରୋଡସ୍ଥିତ ସାଇବାବା ମନ୍ଦିରର ୨ୟ ବାର୍ଷିକ ଉତ୍ସବ ଓ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ସକାଳୁ ରିତିନୀତି ଅନୁଯାୟୀ ବାବାଙ୍କ ପୁଜାର୍ଚ୍ଚନା ହୋଇଥିଲା। ବାବାଙ୍କର ସାଇ ଚଭାଡି ଶୋଭାଯାତ୍ରା ଓ ଶାନ୍ତିହୋମରେ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏହି ଅବସରରେ ବାବାଙ୍କ ଚଭାଡିକୁ ସାଲେପୁର ସହରରେ ପରିକ୍ରମା କରାଯାଇଥିଲା।
ମନ୍ଦିରର ଆନନ୍ଦବଜାରରେ ଶେଷରେ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା ହୋଇଥିଲା। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ପ୍ରକାଶ କୁମାର ବେହେରା, ହରିବନ୍ଧୁ ଶତପଥି ପ୍ରମୁଖ ଯୋଗଦେଇଥିଲେ। ସାଲେପୁର ପୁରୁଣା ମୋଟର ଷ୍ଟାଣ୍ଡର କର୍ମକର୍ତ୍ତାମାନେ ଏହାକୁ ପରିଚାଳନା କରିଥିଲେ। ଦେବେନ୍ଦ୍ର ନାଥ କର, ରବୀନ୍ଦ୍ର ନାଥ ପଣ୍ଡା, ନିହାର ରଞ୍ଜନ ଭୂୟାଁ, ପ୍ରତାପ ଚନ୍ଦ୍ର ଭୂୟାଁ ଓ ମାନସ କୁମାର କର ଏଥିରେ ସହଯୋଗ କରିଥିଲେ।

# ସୁନନ୍ଦାଙ୍କ ବାସଭବନ ହେବ ସ୍ମୃତି ସଦନ

**ପୁରୀ ଘର ଦେଖିଲେ ସଂସ୍କୃତି ବିଭାଗ ଅଧିକାରୀ**

**ପୁରୀ ଅଫିସ,୧୮।୨**

ଓଡ଼ିଶାର ପ୍ରଥିତଯଶା ଶାସ୍ତ୍ରୀୟ କଣ୍ଠଶିଳ୍ପୀ ତଥା ଭାରତୀୟ ସଙ୍ଗୀତ ଦୁନିଆର ମହାନ୍ ପ୍ରତିଭା ଡ. ସୁନନ୍ଦା ପଟ୍ଟନାୟକଙ୍କ ବଳିଆପଣ୍ଡା ଦାମୋଦର ରୋଡ଼ସ୍ଥିତ ବାସଭବନକୁ ସ୍ମୃତି ସଦନ ଭାବେ ବିକଶିତ କରାଯିବ। ତାଙ୍କ ଦ୍ୱାରା ବ୍ୟବହୃତ ବାଦ୍ୟଯନ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ଗ୍ୟାଲେରିରେ ସଂରକ୍ଷିତ କରି ରଖାଯିବ। ସୁନନ୍ଦାଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏମିତି ଅନେକ କାର୍ଯ୍ୟକ୍ରମ କରିବାକୁ ଘୋଷଣା କରିଛନ୍ତି। ସେହି ଅନୁଯାୟୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରାରମ୍ଭିକ ଉଦ୍ୟମ ଆରମ୍ଭ ହୋଇଛି।

ସୋମବାର ବିଭାଗର ଅଧିକାରୀମାନେ ପୁରୀରେ ଥିବା ସୁନନ୍ଦାଙ୍କ ଘର ପରିଦର୍ଶନ କରିଛନ୍ତି। ଘରଟି ଏବେ ପରିତ୍ୟକ୍ତ ହୋଇପଡ଼ିଛି। ବାହାର ପାଚେରି ଏବଂ ଘରର କେତେକ ଅଂଶ ଭାଙ୍ଗି ଗଛ ଉଠିଯାଇଛି। ବାହାର ଗ୍ରୀଲ ଖୋଲାଥିବାବେଳେ ୨ଟି ବଖରାରୁ ଗୋଟିଏରେ ତାଲା ପଡ଼ିଛି। ଛାତ ଉପର ଶିଡ଼ି କବାଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏସବୁକୁ ଦେଖି ଅଧିକାରୀମାନେ ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ସେହିପରି ଆସନ୍ତା ୨୦ ତାରିଖରେ ଅଧିକାରୀମାନେ ତାଙ୍କ କଟକ ବାସଭବନ ପରିଦର୍ଶନରେ ଯିବେ ବୋଲି ଜଣାପଡ଼ିଛି। ଦୁଇଟିଯାକ ବାସଭବନ ବୁଲିବା ପରେ ସେମାନେ ବିଭାଗୀୟ ଶାସନ ସଚିବଙ୍କୁ ରିପୋର୍ଟ ଦେବେ। ରିପୋର୍ଟକୁ ଆଧାର କରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ନିଆଯିବ। ସୋମବାର ପୁରୀ ଆସିଥିବା ଅଧିକାରୀଙ୍କ ମଧ୍ୟରେ ରାଜ୍ୟ ସଂଗ୍ରହାଳୟର କ୍ୟୁରେଟର ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ସୁଚିସ୍ମିତା ମନ୍ତ୍ରୀ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଦୀପ କୁମାର ଦାସ, ସଂଗ୍ରହାଳୟର ଏମ୍. ସଞ୍ଜୀବ କୁମାର ସାମିଲ ଥିଲେ। ସେମାନଙ୍କ ସହିତ ସୁନାବେଶ ଭଜନ ସମାରୋହ ସମିତି ସାଧାରଣ ସମ୍ପାଦକ ମନୋଜ କୁମାର ଦାସମହାପାତ୍ର, ଅଭିନନ୍ଦିନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତିଉପସ୍ଥିତଥିଲେ।

ସୂଚନାଥାଉ କି, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ସୁନନ୍ଦାଙ୍କୁ ସଙ୍ଗୀତ ସାଧନା ପାଇଁ ପୁରୀରେ ପ୍ରାୟ ୨ ଏକର ଜମି ପ୍ରଦାନ କରିଥିଲେ। ସୁନନ୍ଦାଙ୍କ ବିୟୋଗ ପରେ ପୁରୀର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟରେ ଏକାଧିକ ଦାବି ରଖାଯାଇଥିଲା। ସୁନନ୍ଦାଙ୍କୁ ମରଣୋତ୍ତର ପଦ୍ମଶ୍ରୀ ପ୍ରଦାନ, ପୁରୀ ବାସଗୃହକୁ ଜବରଦଖଲ ମୁକ୍ତ କରି ସରକାର ତାହାକୁ ସଙ୍ଗୀତ ସ୍ମାରକୀ ଘୋଷଣା କରିବା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ତାଙ୍କ ନାମରେ ଚେୟାର ପ୍ରତିଷ୍ଠା କରାଯିବା ଆଦି ଦାବି ହୋଇଥିଲା।

# ହରିଣ ମୁଣ୍ଡ, ଗୋଡ଼ ଜବତ: ୨ ଶିକାରୀ ଗିରଫ



ଗିରଫ ୨ ଶିକାରୀ।

**ଖୁଣ୍ଟୁଣୀ,୧୮।୨(ଡି.ଏନ୍.ଏ.)**

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଦଣ୍ଡାପଡ଼ିଆ ଗ୍ରାମରୁ ଖୁଣ୍ଟୁଣୀ ବନବିଭାଗ ମଙ୍ଗଳବାର ଏକ ହରିଣର କଟାମୁଣ୍ଡ ଓ ଗୋଡ଼ ଜବତ କରିବା ସହ ୨ ଶିକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶିକାରୀଦ୍ୱୟ ହେଲେ ଦଣ୍ଡାପଡ଼ିଆର ପ୍ରଦୀପ୍ତ କୁମାର ସାହୁ ଓ ପବିତ୍ର ମଙ୍ଗୁଆଳ। ଏ ନେଇ ବନବିଭାଗ ପକ୍ଷରୁ ଏକ ମାମଲା ନଂ. ୫୭-କେ-୧୯/୨୦ ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଉଭୟ ଶିକାରୀ ଖୁଣ୍ଟୁଣୀ ବନାଞ୍ଚଳର ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରୁ ହରିଣ, ବାର୍ହା, କୁଟୁରା, ଠେକୁଆ ଶିକାର କରି ଏମାନଙ୍କ ମାଂସକୁ ଚୋରାରେ ବିକ୍ରି କରିଥାନ୍ତି। ସୋମବାର ଅପରାହ୍ନରେ ଶିକାରୀଦ୍ୱୟ ହରିଣ ମାଂସ ବିକ୍ରି କରୁଥିବା ଖବରପାଇ ଗୋବରା ସେକ୍ସନ ଫରେଷ୍ଟ ଗାର୍ଡ ତ୍ରିଲୋଚନ ମଲ୍ଲିକ ବନାଞ୍ଚଳ ଅଧିକାରୀ ମାଗୁଣି ଚରଣ ବେହେରାଙ୍କୁ ଜଣାଇଥିଲେ। ସନ୍ଧ୍ୟାରେ ବନାଞ୍ଚଳ ଅଧିକାରୀ କେତେଜଣ କର୍ମଚାରୀଙ୍କ ସହିତ ଦଣ୍ଡାପଡିଆରେ ପହଞ୍ଚି ଉଭୟ ଶିକାରୀଙ୍କ ଘରେ ଚଢ଼ାଉ କରି ସେମାନଙ୍କୁ ଧରିବା ସହ ହରିଣ ମୁଣ୍ଡ ଓ କଟା ଗୋଡ଼କୁ ଜବତ କରିଥିଲେ।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ଧାରଣା

**ବାଙ୍କୀ,୧୮।୨(ସ୍ୱ.ପ୍ର.)**



ଭାଜପା କର୍ମୀ ଧାରଣାରେ ବସିଛନ୍ତି।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଅଭିଯୋଗ**

ବାଙ୍କୀ ଓ ଡମପଡ଼ା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ଓ କଣ୍ଟ୍ରୋଲ ସାମଗ୍ରୀ ହଡ଼ପ ହୋଇଥିବା ଅଭିଯୋଗ କରି ସୋମବାର ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ପୂର୍ବରୁ ଏସବୁ ବିଷୟରେ ଅଭିଯୋଗ କରି ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଙ୍କୀ ଉପଜିଲାପାଳଙ୍କୁ ଦାବି ପତ୍ର ଦେବା ସହ କଟକ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୭ ଦିନ ମଧ୍ୟରେ ଏନେଇ କାର୍ଯ୍ୟାନୁଷ୍ଠାନ ନ ହେଲେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେତେବେଳେ ଭାଜପା ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହାର ତଦନ୍ତ ପାଇଁ କଟକ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ମଧ ତାଙ୍କ ଆଦେଶକୁ ବେଖାତିର କରି ଏପର୍ଯ୍ୟନ୍ତ କୌଣସି ତଦନ୍ତ କରାଯାଇନାହିଁ ବୋଲି ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଦାବିଗୁଡିକର କୌଣସି ପ୍ରତିକାର ନ ହେବାରୁ ଭାଜପା ପକ୍ଷରୁ ରାଜ୍ୟ ଭାଜପା କାର୍ଯ୍ୟକାରୀ କମିଟି ସଭ୍ୟ ଲକ୍ଷ୍ମୀଧର ବେହେରା, ବାଙ୍କୀ ଟାଉନ୍ ଭାଜପା ସଭାପତି ଶ୍ରୀନିବାସ ବେହେରା, ଜିଲା ପ୍ରତିନିଧି ଦେବୀ ପ୍ରସାଦ ମହାନ୍ତି, ରମାକାନ୍ତ ସାହୁ, ନିରୋଜ କୁମାର ସ୍ୱାଇଁ, ଗଗନ ବିହାରୀ ପଟ୍ଟନାୟକ ଓ ସୁବର୍ଣ୍ଣପୁର ମଣ୍ଡଳ ସଭାପତି ପ୍ରସନ୍ନ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବଡ଼ମ୍ବାରେ ୧୭୦୨ ମାଟ୍ରିକ୍ ପରୀକ୍ଷାର୍ଥୀ

**ବଡମ୍ବା,୧୮।୨(ଡି.ଏନ୍.ଏ.)**

ଆଜିଠାରୁ ଆରମ୍ଭ ହେଉଥିବା ମାଟ୍ରିକ ପରୀକ୍ଷାରେ ବଡମ୍ବା ବ୍ଲକରୁ ୧୭୦୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ଏନେଇ ବ୍ଲକରେ ୯ ପରୀକ୍ଷା କେନ୍ଦ୍ର ଖୋଲାଯାଇଛି। ମାଣିଆବନ୍ଧ ହାଇସ୍କୁଲରେ ୧୬୫, ପ୍ରଫୁଲ୍ଲ ବିଶ୍ୱାଳ ହାଇସ୍କୁଲ କଷିକିଆରୀରେ ୨୦୮, ଖୁଣ୍ଟକଟା ନୋଡାଲ ହାଇସ୍କୁଲରେ୨୩୪, ବଡମ୍ବା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୫୫, ବଡମ୍ବା ମୋହନ ସୁବୁଦ୍ଧି ହାଇସ୍କୁଲରେ ୧୫୩, ବାସୁଦେବ ହାଇସ୍କୁଲ ଗୋପପୁରରେ ୨୪୫, ରଗଡିପଡା ହାଇସ୍କୁଲରେ ୧୯୫, ଭଟ୍ଟାରିକା ନୋଡାଲ ବିଦ୍ୟାପୀଠ, ଶଶାଙ୍ଗ କେନ୍ଦ୍ରରେ ୨୫୧ ଓ ଝାଜିଆ ହାଇସ୍କୁଲରେ ୯୬ଜଣ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଛି। ଟିଗିରିଆ ବ୍ଲକ୍ ଅନ୍ତର୍ଗତ ଅର୍ଜୁନ ସୁବୁଦ୍ଧି ହାଇସ୍କୁଲ ନୂଆପାଟଣାକୁ ଏନେଇ ନୋଡାଲ କେନ୍ଦ୍ର କରାଯାଇଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନୋଡାଲ କେନ୍ଦ୍ର ଅଧୀନରେ ୫ ଡେସ୍‌ପାଚ ଟିମ୍ ରହିଛି। ପ୍ରତ୍ୟେକ ଟିମ୍‌ରେ ୨ଜଣ ଶିକ୍ଷକ ଓ ଜଣେ ପୋଲିସ୍ କର୍ମଚାରୀ ରହିଛନ୍ତି। ଚଳିତବର୍ଷ କଡା ସୁରକ୍ଷା ମଧ୍ୟରେ ମାଟ୍ରିକ୍ ପରୀକ୍ଷା କରିବା ନିମନ୍ତେ ବିଭିନ୍ନ କେନ୍ଦ୍ରରେ ସିସିଟିଭି କ୍ୟାମେରା ଲଗାଯାଇଛି ।

# ଶିକ୍ଷକଙ୍କ ବଦଳି ଆଦେଶ ପ୍ରତ୍ୟାହାର ଦାବି

**ସାଲେପୁର, ୧୮।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରମଣି ସରକାରୀ ଉପ୍ରା. ବିଦ୍ୟାଳୟର ସହକାରୀ ଶିକ୍ଷକ ତପନ ବିହାରୀ ଦାଶଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ବଳଦି କରିଦିଆଯାଇଛି। ଛାତ୍ରୀଛାତ୍ରଙ୍କ ପରୀକ୍ଷା ମୁଣ୍ଡ ଉପରେ ଥିବା ବେଳେ ଶିକ୍ଷକଙ୍କ ବଦଳିକୁ ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ତାଙ୍କର ବଦଳିକୁ ବାତିଲ କରିବା ଗ୍ରାମବାସୀଙ୍କ ପକ୍ଷରୁ ମଙ୍ଗଳବାର ଏକ ଲିଖିତ ଦାବିପତ୍ର ସାଲେପୁର ମଣ୍ଡଳ ଶିକ୍ଷାଅଧିକାରୀଙ୍କୁ ଦିଆଯାଇଛି। ବଦଳି ଆଦେଶ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଚନ୍ଦ୍ରମଣି ସରକାରୀ ଉ.ପ୍ରା ବିଦ୍ୟାଳୟ ସହ ଜାଜୁଲାଇପଡା ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ହେବା ପରେ ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଛି। ପରୀକ୍ଷା ନିକଟରେ ଥିବା ବେଳେ ତପନଙ୍କ ବଦଳି ହୋଇଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବ ବୋଲି ଜାଗୁଲାଇପଡା ଗ୍ରାମର ପ୍ରଶାନ୍ତ କୁମାର ମହାପାତ୍ର, ମନୋଜ କୁମାର ଜେନା, ସୁଲୋଚନା ବେହେରା, ହୃଷୀକେଶ ରାଉଳ, ଅଭୟ କୁମାର ମିଶ୍ର, ହରିହର ମିଶ୍ର ଓ ଶରତ କାଣ୍ଡି ପ୍ରମୁଖ ଅଭିଯୋଗ କରିଛନ୍ତି। ବଦଳି ନିର୍ଦ୍ଦେଶ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷାମଣ୍ଡଳ ଅଧିକାରୀ ଜଗବନ୍ଧୁ ଶତପଥୀ କହିଛନ୍ତି, ଜାଗୁଲାଇପଡ଼ା ପ୍ରାଥମିକ ବିଦ୍ୟାଳୟରେ ୨୭ଜଣ ପିଲା ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲରେ ୪ଜଣ ଶିକ୍ଷକ ନିଯୁକ୍ତଥିବାରୁ ଏମାନଙ୍କ ମଧ୍ୟରୁ ତପନ ବିହାରୀ ଦାଶଙ୍କୁ ଅନ୍ୟତ୍ର ବଦଳି କରାଯାଇଛି।

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ 'ତେଜସ୍ୱିନୀ' ଆଲୋଚନାଚକ୍ର

**ନରାଜ,୧୮।୨(ଡି.ଏନ୍.ଏ)**

କଟକସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ମହିଳା ସଙ୍ଗଠନ ଚର୍ଚ୍ଚିକା ଆନୁକୂଲ୍ୟରେ 'ତେଜସ୍ୱିନୀ' ନାମକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଲାଟଭିଆ ୟୁରୋପୀୟ ସଂସଦର ସଦସ୍ୟ ଦ୍ୟାସି ମେଲବାଡେ, ପ୍ରସିଦ୍ଧ ସଙ୍ଗୀତଜ୍ଞ ଏଗିଟା ଓଜୋଲିନା, ଆର୍ଟ ଅଫ୍ ଲିଭିଂ ଶିକ୍ଷୟିତ୍ରୀ ପ୍ୟାଟି ମନଟେଲା ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ସଭାପତି ରଜିତା କୁଲକର୍ଣ୍ଣୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଆଲୋଚନା ଚକ୍ର ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟଅତିଥି ଦ୍ୟାସି ମେଲବାଡେ ଓ ପ୍ରସିଦ୍ଧ ସଙ୍ଗୀତଜ୍ଞ ଏଗିଟା ଓଜୋଲିନା ଲାଟଭିଆର ପାରମ୍ପରିକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଦ୍ୟାସି ମେଲବାଡେ ନିଜର ଅନୁଭୂତିକୁ ବର୍ଣ୍ଣନା କରିଥିଲେ। ପ୍ୟାଟି ମନଟେଲା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରମାନେ ନିଜେ କିପରି କ୍ଷମତାପନ୍ନ ହୋଇପାରିବେ ସେସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗଣେଶ ବନ୍ଦନା ଓ ଓଡିଶୀ ନୃତ୍ୟ ପରିବେଷଣ କରାଯାଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

# ବେଆଇନ ବାଲି ଚାଲାଣ: ୨ ହାଇୱାରୁ ଜରିମାନା ଆଦାୟ

**ସାଲେପୁର,୧୮।୨(ଡି.ଏନ୍.ଏ.)**

ସାଲେପୁର ଥାନା ଅନ୍ତର୍ଗତ ହରିଚନ୍ଦନପୁର ବ୍ୟାରେଜ୍ ଛକରୁ ସୋମବାର ବିଳମ୍ବିତ ରାତିରେ ବେଆଇନ ବାଲି ଚାଲାଣ କରୁଥିବା ୨ ହାଇୱାକୁ ପୋଲିସ ଜବତ କରିଛି। ଏନେଇ ଉଭୟ ଗାଡି ମାଲିକଙ୍କ ନିକଟରୁ ୨୫ ହଜାର ଟଙ୍କା ଲେଖାଏ ଜରିମାନ ଆଦାୟ ହୋଇଛି। ଚିତ୍ରୋତ୍ପଳା ଓ ମହାନଦୀ ପଠାରୁ ଉଭୟ ଗାଡି ବାଲି ଭର୍ତ୍ତି କରି ନେଉଥିବା ବେଳେ ବ୍ୟାରେଜ୍ ଛକ ନିକଟରେ ପୋଲିସ ପାଟ୍ରୋଲିଂ ଟିମ୍ ହାତରେ ଧରାପଡିଥିଲେ। ଉଭୟ ଗାଡିକୁ ଥାନାକୁ ନିଆଯିବା ସହ ତହସିଲଦାରଙ୍କୁ ଖବର ଦିଆଯାଇଥିଲା। ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ଥାନାରେ ପହଞ୍ଚି ଉଭୟ ଗାଡି ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରିଥିଲେ।

# ବାଙ୍କୀ ଡବଲ୍ ମର୍ଡର ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଦାବି

**ବାଙ୍କୀ,୧୮।୨(ସ୍ୱ.ପ୍ର.)**

ବାଙ୍କୀ ଡବଲ୍ ମର୍ଡର ଘଟଣାକୁ ଇତିମଧ୍ୟରେ ୪ ଦିନ ବିତିଛି। ମାତ୍ର ଏପର୍ଯ୍ୟନ୍ତ ପୋଲିସର ହାତ ଖାଲି ରହିଛି। ଏହାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେବାଲାଗି ବାଙ୍କୀର ପୂର୍ବତନ ବିଧାୟକ ଦୋବଶିଷ ପଟ୍ଟନାୟକ ଓ ରାଷ୍ଟ୍ରୀୟ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକାରୀ ସଭ୍ୟ ଶୁଭ୍ରାଂଶୁ ମୋହନ ପାଢୀ ମଙ୍ଗଳବାର ଦାବି କରିଛନ୍ତି। ଅପରପକ୍ଷେ ମୃତ ଖବରଦାତା ଆଦିତ୍ୟ ରଣସିଂହଙ୍କ ବିରୋଧରେ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ ବୈଦ୍ୟୁତିକ ଗଣମାଧ୍ୟମରେ ଦେଇଥିବା ମନ୍ତବ୍ୟଙ୍କୁ ଉଭୟ ନେତା ନିନ୍ଦା କରିଛନ୍ତି। ଏସ୍‌ପି ପାଣିଗ୍ରାହୀଙ୍କ ଏଭଳି ଅଶାଳୀନ ମନ୍ତବ୍ୟ ଘଟଣା ତଦନ୍ତରେ ବାଧା ସୃଷ୍ଟି କରିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଭାଜପା ନେତା ପାଢୀ ଖଜୁରିପଦା ଗ୍ରାମକୁ ଯାଇ ମୃତକଙ୍କ ପରିବାରବର୍ଗକୁ ଭେଟି ସମବେଦନା ଜଣାଇଛନ୍ତି।
ଗତ ୧୫ ତାରିଖ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଣ୍ଡି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ନୂଆଗାଁ ପଞ୍ଚାୟତ ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖଜୁରିପଦା ଗ୍ରାମର ୱେବ ଚ୍ୟାନେଲ ଖବରଦାତା ଆଦିତ୍ୟ କୁମାର ରଣସିଂହଙ୍କୁ ଦୁର୍ବୃତ୍ତମାନେ ମାରଣାସ୍ତ୍ର ସାହାଯ୍ୟରେ ଗୋଡାଇ ଗୋଡାଇ ହାଣି ଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଭଗବାନ ଅଭିଯୁକ୍ତମାନଙ୍କ ନାମ କହିଥିବା ଭିଡିଓ ଭାଇରାଲ ହୋଇଥିଲା। ଏହାସତ୍ତ୍ୱେ କୌଣସି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ପ୍ରଦୀପ-ପ୍ରଦୋଷ ସ୍ମାରକୀ କ୍ରିକେଟ
## ବଡ଼ମ୍ବାକୁ ହରାଇ ସେମିରେ ଖୋର୍ଦ୍ଧା

**ଆଠଗଡ,୧୮।୨(ସ୍ୱ.ପ୍ର.):** ଆଠଗଡ଼ ଷ୍ଟାଡ଼ିୟମରେ ଚାଲିଥିବା ୧୬ତମ ପ୍ରଦୀପ-ପ୍ରଦୋଷ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡ଼ମ୍ବାକୁ ହରାଇ ଖୋର୍ଦ୍ଧା ସେମି ଫାଇନାଲରେ ପ୍ରବେଶ କରିଛି। ଖୋର୍ଦ୍ଧାର କଳିଙ୍ଗ ଟାଇଗର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ୍ ବିନିମୟରେ ୨୬୯ ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ମ୍ବା କ୍ରିକେଟ କ୍ଲବ ନିର୍ଦ୍ଧାରିତ ଓଭରରେ ୭ ଉଇକେଟ୍ ହରାଇ ୨୪୧ ରନ୍ ସଂଗ୍ରହ କରିଥିଲା। ଫଳରେ ଖୋର୍ଦ୍ଧା ଦଳ ୨୮ ରନରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରିୟରଞ୍ଜନ ଗୋଛାୟତ ଓ ପ୍ରଭୁଦତ୍ତ ଷାହାଣୀ ଏହି ମ୍ୟାଚ ପରିଚାଳନା କରିଥିଲେ।

# ଜାତୀୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଜୟନ୍ତଙ୍କୁ ସ୍ୱର୍ଣ୍ଣ

**ଟିଗିରିଆ, ୧୮।୨(ଡି.ଏନ୍.ଏ.)**

ବଡମ୍ବା ବ୍ଲକ ଅନ୍ତର୍ଗତ ବିଧାରପୁରସ୍ଥିତ ଆର୍‌ପି ଆବାସିକ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ଜୟନ୍ତ ମହାରଣା ଜାତୀୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେ ଏହି ବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀର ୨ୟ ବର୍ଷ ରସାୟନ ବିଭାଗର ଛାତ୍ର ହୋଇଥିବା ବେଳେ ତାଙ୍କ ଘର ବଡମ୍ବା ବ୍ଲକ ଅନ୍ତର୍ଗତ ଖୁଣ୍ଟକଟା ଗ୍ରାମରେ। ଚଳିତ ମାସ ୭ରୁ ୯ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର ଅହମଦ ନଗରସ୍ଥିତ ଶିରିଡିଠାରେ ଦକ୍ଷିଣପଶ୍ଚିମ ଜୋନ ୨୦୨୦ ଜାତୀୟସ୍ତରର କିକ୍ ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟନ୍ତ ୬୩ କିଲୋ ବର୍ଗରେ ଭାଗନେଇ ହାଇଦ୍ରାବାଦର ପ୍ରତିଯୋଗୀଙ୍କୁ ହରାଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। । ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ପ୍ରାନ୍ତରୁ ହଜାରେରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ । ଜୟନ୍ତଙ୍କ ଏହି ସଫଳତା ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ଜେନା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଆୟୋଜନ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜୟନ୍ତ ମହାରଣା।

# ଓଡ଼ିଶା ପୋଲିସକୁ ଜୟଲଳିତା ଟ୍ରଫି

**କଟକ ଅଫିସ,୧୮।୨**

ବିହାରର ଡେହରିଠାରେ ଶେଷ ହୋଇଥିବା ୨୦ତମ ସର୍ବଭାରତୀୟ ପୋଲିସ ବନ୍ଧୁକ ଚାଳନା ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଗୋଟିଏ ବର୍ଗରେ ଚାମ୍ପିୟନ ହୋଇଛି। କେବଳ ରାଜ୍ୟ ପୋଲିସ ଦଳମାନଙ୍କୁ ନେଇ ହୋଇଥିବା ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରି ଓଡ଼ିଶା ପୋଲିସ ଜୟଲଳିତା ଟ୍ରଫି ହାସଲ କରିଛି। ଅନ୍ୟପକ୍ଷରେ ଓଡ଼ିଶା ପୋଲିସର ୨ ଜଣ ପ୍ରତିଯୋଗୀ ସିଙ୍ଗଲ୍ସ ଇଭେଣ୍ଟରେ ମଧ୍ୟ ପଦକ ହାସଲ କରିଛନ୍ତି। ଏମାନେ ହେଲେ ଝାରସୁଗୁଡ଼ା ଦ୍ୱିତୀୟ ବାଟାଲିୟନର ହାବିଲଦାର ବିଷ୍ଣୁ କୁମାର ଓ ରାଉରକେଲା ଚତୁର୍ଥ ବାଟାଲିୟନର ଲାନ୍ସ ନାଏକ ଜେ.କେ. ପ୍ରଧାନ। ଉଭୟ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ କୃତିତ୍ୱ ହାସଲ କରିଥିବା ଏହି ଦଳକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ସମ୍ବର୍ଦ୍ଧିତ କରିବା ସହ ଭବିଷ୍ୟତରେ ଓଡ଼ିଶା ପୋଲିସ ପାଇଁ ଆହୁରି ଅଧିକ ସୁନାମ ଆଣିବା ପାଇଁ ଉତ୍ସାହିତ କରିଥିଲେ। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ୍.ଏମ୍. ନରଭାଣେ, ବିନୟତୋଷ ମିଶ୍ର, ସୌମେନ୍ଦ୍ର ପ୍ରିୟଦର୍ଶୀ, ଆଇଜି ରେଖା ଲୋହାନି, ଯତୀନ୍ଦ୍ର କୋଏଲ ଓ ଏଆଇଜି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏଆଇଜି ବିଜୟ ପ୍ରକାଶ ବାବୁ, କ୍ରୀଡ଼ା ଅଧିକାରୀ ବିଭୂତି ଭୂଷଣ ମହାରଣା ଓ ସହକାରୀ ଦୁର୍ଗପତି ଦୀପକ କୁମାର ଗଡ଼ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଅଭୟ ଓ ଅନ୍ୟ ଅଧିକାରୀଙ୍କ ଗହଣରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନେ।

**ପଦକ ବିଜେତା ଖେଳାଳିଙ୍କୁ ସମ୍ବର୍ଦ୍ଧନା**



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ।

-ଫ୍ରାଙ୍କ୍ଲିନ୍

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଜଣେ ଅଟକ

**ବେଗୁନିଆ, ୧୮।୨(ଡି.ଏନ.ଏ.):** ଖୋର୍ଦ୍ଧା ପୋଲିସ ଜିଲା ବେଗୁନିଆ ଥାନା ଅଞ୍ଚଳରେ ଜନୈକା ୬ ବର୍ଷୀୟା କନ୍ୟାକୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ. ୩୭/୨୦ରେ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଘଟଣାରେ ସମ୍ପୃକ୍ତ ୩୨ ବର୍ଷର ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମିଳିଥିବା ଖବର ମୁତାବକ ନାବାଳିକା ଜଣକ ମଙ୍ଗଳବାର ପୂର୍ବାହ୍ନରେ ନିଜ ଘର ନିକଟ ଦାଣ୍ଡରେ ଖେଳୁଥିଲେ। ସେହି ସମୟରେ ଗାଁର ଯୁବକ ଜଣକ ପ୍ରଲୋଭନ ଦେଖାଇ ନିକଟସ୍ଥ ସ୍ଥାନରେ ବଳାତ୍କାର କରିଥିଲେ ବୋଲି ପୀଡିତାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ତେବେ ପୀଡିତାଙ୍କ ବୟାନ ରେକର୍ଡ ପରେ ଉଭୟଙ୍କୁ ଡାକ୍ତରୀମାଇନା ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଜିଲା ପୋଲିସ ମୁଖ୍ୟାଳୟର ଜଣେ ଅଧିକାରୀ ଘଟଣାର ତଦନ୍ତକୁ ଅଧିକ ତ୍ୱରାନ୍ୱିତ କରୁଥିବା ଖବର ମିଳିଛି।

### ଜଟଣୀରେ ଘନ ଘନ ବିଦ୍ୟୁତ୍ କାଟ୍

**ଜଟଣୀ, ୧୮।୨(ଡି.ଏନ.ଏ.):** ଗ୍ରୀଷ୍ମଋତୁ ଆରମ୍ଭ ପୂର୍ବରୁ ଜଟଣୀରେ ଘନ ଘନ ବିଦ୍ୟୁତ୍ କାଟ୍ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହୋଇଥିଲା। କିଛି ସମୟ ପାଇଁ ବିଦ୍ୟୁତ୍ ଆସିବା ପରେ ପୁଣି ସନ୍ଧ୍ୟା ସାଢେ ୭ରୁ ବିଦ୍ୟୁତ୍ କାଟ୍ ହୋଇଥିଲା। ବୁଧବାରଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ଏଭଳି ଘନ ଘନ ବିଦ୍ୟୁତ୍ କାଟ୍‌କୁ ନେଇ ବିଦ୍ୟାର୍ଥୀ ଓ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

### ୪ ମନ୍ଦିର ସୁରକ୍ଷା ବ୍ୟବସ୍ଥା ତଦାରଖ କଲେ କମିଶନର

**କଟକ ରୋଡ,୧୮।୨(ଡି.ଏନ୍.ଏ.):** ଜାଗର ଉତ୍ସବ ପାଇଁ ରାଜଧାନୀର ବିଭିନ୍ନ ଶୈବ ମନ୍ଦିର ଚଳଚଞ୍ଚଳ ହୋଇଛି। ଏ ନେଇ ମନ୍ଦିରକୁ ଆସିବାକୁ ଥିବା ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ଦର୍ଶନ ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଏସିପି ରଜତ କୁମାର ରାୟ ମଙ୍ଗଳବାର ଅପରାହ୍ନରେ ଲକ୍ଷ୍ମୀସାଗର ଓ ବଡ଼ଗଡ଼ ଥାନା ଅଞ୍ଚଳରେ ଥିବା ବ୍ରହ୍ମେଶ୍ୱର, ମେଘେଶ୍ୱର, ଚିନ୍ତାମଣିଶ୍ୱର ଓ ବୁଦ୍ଧେଶ୍ୱରୀ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ତଦାରଖ କରିଛନ୍ତି। ମନ୍ଦିର ମଧରେ ଅସାମାଜିକଙ୍କ ଉପରେ କଡ଼ା ନଜର ରଖିବା ସହ ସୁରୁଖୁରରେ ଟ୍ରାଫିକ ବ୍ୟବସ୍ଥା ଉପରେ କମିଶନର ଷଡ଼ଙ୍ଗୀ ଗୁରୁତ୍ୱ ଦେଇଥିଲେ। ଏହା ସହିତ ସ୍ଥାନୀୟ ପୋଲିସ ଏଥିପ୍ରତି ସଜାଗ ରହିବା ସହ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଥିବା ଜଣାପଡିଛି।

### ଦୁଇ ସେବାୟତ ଗୋଷ୍ଠୀ ସହ ପୃଥକ୍ ପୃଥକ୍ ଆଲୋଚନା

ଶ୍ରୀକପିଳେଶ୍ୱର ମନ୍ଦିର ବିଭ୍ରାଟ ପ୍ରସଙ୍ଗ

**ପୁରୁଣା ଭୁବନେଶ୍ୱର, ୧୮। ୨ (ଡି.ଏନ.ଏ.)-** ଶ୍ରୀକପିଳେଶ୍ୱର ଦେବଙ୍କ ମନ୍ଦିରରେ ଖୁଣ୍ଟିଆ ଓ ମଲିଆ ଦୁଇ ସେବାୟତଙ୍କ ମଧରେ ୨୦୧୫ ଅଁଳା ନବମୀରେ ବିଭ୍ରାଟ ଦେଖା ଦେଇଥିଲା। ଏହାର ସମାଧାନ ଲାଗି ମଙ୍ଗଳବାର ଶ୍ରୀକପିଳେଶ୍ୱର ମନ୍ଦିରର ନୂତନ ପରିଚାଳନା କମିଟିର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ଦେବବ୍ରତ ସାହୁ ପୃଥକ୍ ପୃଥକ୍ ଉଭୟ ସେବାୟତଙ୍କୁ ଡକାଇ ଆଲୋଚନା କରିଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଖଣ୍ଟିଆ ସେବାୟତ ଏବଂ ପରେ ଅପରାହ୍ନ ୪ଟାରୁ ମଲିଆ ସେବାୟତଙ୍କୁ ଡକାଇ ଆଲୋଚନା କରିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନ ଥିଲା। ମହାଶିବରାତ୍ରି ପରେ ଆଉ ଥରେ ଉଭୟ ସେବାୟତଙ୍କୁ ଡକାଇ ଆଲୋଚନା କରାଯିବ। ବୈଠକରେ ପରିଚାଳନା କମିଟି ତଥା ଟ୍ରଷ୍ଟ ବୋର୍ଡ ସଦସ୍ୟ ଭାବେ ରୁଦ୍ର ପ୍ରସାଦ ନନ୍ଦ, ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ଅବନୀକାନ୍ତ ପଟ୍ଟନାୟକ, ଜୋନ-୨ ଏସିପି କୃଷ୍ଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥାଣୁ ପାଲଟିଛି ତହସିଲ ପ୍ରଶାସନ

- ଶହେ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସରକାରୀ ଜମି ଜବରଦଖଲ ପ୍ରସଙ୍ଗ
- ଜବରଦଖଲ ମୁକ୍ତ କରିବାକୁ ସାଧାରଣରେ ଦାବି



ସରକାରୀ ଜମିକୁ ଜବରଦଖଲ କରି ନିର୍ମାଣ କରାଯାଉଥିବା ଘର ।

**ଜଟଣୀ, ୧୮।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ତହସିଲ ଅନ୍ତର୍ଗତ ଅଧିକାଂଶ ମୌଜାରେ ଶତାଧିକ ଏକର ସରକାରୀ ଜମି ଜବରଦଖଲ ହୋଇଛି। ଏହାର ମୂଲ୍ୟ ଶହେ କୋଟିରୁ ଊର୍ଦ୍ଧ୍ୱ ହେବ। ପ୍ରଭାବଶାଳୀ, ବଡ଼ ବ୍ୟବସାୟୀ, ଅସାମାଜିକ ବ୍ୟକ୍ତି, ରାଜନେତାଙ୍କ ଦ୍ୱାରା ଏହି ଜବରଦଖଲ କରାଯାଇଛି। ଏହାଛଡ଼ା କେତେଗୋଟି ଘରୋଇ ସଂସ୍ଥା ମଧ୍ୟ ଏହି ଜବରଦଖଲ ପ୍ରତିଯୋଗିତାରେ ପଛରେ ପଡିନାହାନ୍ତି। ଶତାଧିକ ଏକର ମୂଲ୍ୟବାନ ଜମି ଜବରଦଖଲ ହୋଇ ଅଟାଳିକା ଛିଡ଼ା ହୋଇଚାଲିଛି। ହେଲେ ତହସିଲ ପ୍ରଶାସନ କ'ଣ ପାଇଁ ସ୍ଥାଣୁ ପାଲଟିଛି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜବରଦଖଲ ପରେ ୧୦ ଟଙ୍କିଆ ଷ୍ଟାମ୍ପ ପେପରରେ ଲକ୍ଷାଧିକ ଟଙ୍କାରେ ଜମିକୁ ବେଆଇନ ଭାବେ କିଣାବିକା ଚାଲିଛି।

> **ବଡ଼ବଡ଼ିଆ ସରକାରୀ ଜମି ପାଇଁ ହେଉଛନ୍ତି ଗରିବ**
>
> ବସ୍ତିବସିନ୍ଦାଙ୍କୁ ଜାଗା ମିଶନରେ ରାଜ୍ୟ ସରକାର ଦେଉଥିବା ପଟ୍ଟା ପ୍ରଦାନରେ ଜବରଦଖଲ କରିଥିବା ବଡ଼ବଡ଼ିଆ ଲୋକଙ୍କୁ ଏହା ବେଶ୍ ସୁହାଉଛି। ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ହାତଗୁଞ୍ଜା ଦେଇ ଜବରଦଖଲ କରି ଏହା ଉପରେ ଅଟାଳିକା ଛିଡ଼ା କରୁଛନ୍ତି। ଏହି ଶ୍ରେଣୀର ଲୋକେ ସରକାରୀ ରେକର୍ଡରେ ନିଜକୁ ଗରିବ ଓ ବସ୍ତିବାସିନ୍ଦା ଦର୍ଶାଇ ଜମି ହାତେଇ ନେଉଛନ୍ତି।

**ସରକାରୀ ଜମିକୁ ସୁରକ୍ଷା ଦେବାରେ ସରକାରୀ ବାବୁ ବିଫଳ**

ଜବରଦଖଲ ମୁକ୍ତ କରିବାକୁ ତହସିଲ ପ୍ରଶାସନ ନିଜ ଆଡୁ ତତ୍ପରତା ଦେଖାଉନାହିଁ। ସ୍ଥାନୀୟ ଲୋକ ଅଭିଯୋଗ କଲା ପରେ ବି ସେପରି ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି। ବାରମ୍ବାର ଅଭିଯୋଗ ଓ ପ୍ରତିବାଦ ପରେ ଧର୍ମକୁ ଆଖିଠାର ପରି କେତେକ ସ୍ଥାନରେ ଉଚ୍ଛେଦ କରି କାର୍ଯ୍ୟ ସାରି ଦେଉଛନ୍ତି। ପରବର୍ତ୍ତୀ ସମୟରେ ଉଚ୍ଛେଦ ସ୍ଥାନରେ ପୁଣି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ କୋଠା ଘର ଛିଡ଼ା ହେଉଛି। ଶତାଧିକ କୋଟି ଟଙ୍କାର ସରକାରୀ ଜମିର ସୁରକ୍ଷା କରିବାରେ ସରକାରୀ ବାବୁମାନେ କାହିଁକି ପଛଘୁଞ୍ଚା ଦେଉଛନ୍ତି ସେନେଇ ସାଧାରଣରେ ନାନା ସନ୍ଦେହ ଉପୁଜୁଛି। ଏପରି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଏକର ଏକର ମୂଲ୍ୟବାନ ସରକାରୀ ଜମି ଖୋଳି ମାଙ୍କଡ଼ା ପଥର, ମୋରମ ଚାଲାଣ କରି ୫୦ରୁ ୬୦ଫୁଟ ଗଭୀର ଖାଲ ମାନ କରି ମାଫିଆମାନେ ଛାଡ଼ି ପଳାଉଛନ୍ତି। ଏହି ତହସିଲ ଅନ୍ତର୍ଗତ ଅନେକ ମୌଜାରେ ଏକର ଏକର ଜମି ଉପରେ ଏପରି ଖାଲମାନ ପଡିରହିଛି। ଏଥିରେ ବାଲି ଭର୍ତ୍ତି କରାଯାଉନି। ଏହି ଖାଲ ଯୋଗୁଁ କେତେବେଳେ ଯେ କାହା ଜୀବନ ଯିବ କହି ହେଉନାହିଁ। ଏ ନେଇ ଜଟଣୀ ତହସିଲଦାର ପ୍ରିୟାଂଶୁ ଚାନ୍ଦଙ୍କୁ ପଚାରିବାରେ, ପୂର୍ବରୁ ଜବରଦଖଲ ଉଚ୍ଛେଦ ହୋଇଛି। ଆଗାମୀଦିନରେ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି।

> **ଏମାନେ ଯାହା କୁହନ୍ତି...**
>
> "ଜଟଣୀ ଷଣ୍ଢପୁର ମୌଜାରେ ଦୁଇଟି ପ୍ଲଟରେ ୯୨ ଏକର ସରକାରୀ ଜମି ରହିଛି। ହେଲେ ଏଥିରୁ ଅଧାରୁ ଅଧିକ ଜବରଦଖଲ ହୋଇଗଲାଣି। ଜିଲାପାଳ ଓ ତହସିଲଦାରଙ୍କୁ ଏ ନେଇ ଅଭିଯୋଗ କଲା ପରେ ୩ ମାସ ପୂର୍ବେ କିଛି ଉଚ୍ଛେଦ କରି ପାଚେରି ବୁଲାଯାଇଥିଲା। ହେଲେ ପୁଣି ଜବରଦଖଲ ଚାଲିଛି। ଦାୟିତ୍ୱରେ ଥିବା ବିଭାଗ ପକ୍ଷରୁ ତଦାରଖ ଓ ପଦକ୍ଷେପ ନିଆଯାଉ ନ ଥିବାରୁ ଏପରି ଜବରଦଖଲ ବଢ଼ି ଚାଲିଛି।
>
> **ସୁଶାନ୍ତ କୁମାର ଦାସ, ସଭାପତି, ମା' କାଳିକା ଯୁବକ ସଂଘ, ଷଣ୍ଢପୁର**
>
> "ବ୍ୟାପକ ଜବରଦଖଲ ଓ ଚାରିଆଡ଼େ ଖୋଳା ଯାଇଥିବା ପଥର ଖଣି ଯୋଗୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷ ଜମିକୁ ବର୍ଷା ପାଣି ମାଡି ପାରୁନାହିଁ। ଗୋରୁ ଚରିବା ସମସ୍ୟା ସୃଷ୍ଟି ହେଲାଣି। ସର୍ବସାଧାରଣଙ୍କ ରାସ୍ତା ସଙ୍କୁଚିତ ହେଉଛି। ଚିନ୍ତାଜନକ ଘଟଣା ବହୁସଂଖ୍ୟାରେ ଗଛକାଟି ପଥରଖଣି ଓ ଜବରଦଖଲ ହେଉଥିବାରୁ ଗ୍ରାମ୍ୟ ଜଙ୍ଗଲ ନଷ୍ଟ ହେବା ସହ ବନ୍ୟଜନ୍ତୁ ଲୋପ ପାଇବାକୁ ବସିଲେଣି। ମୋରମ ଓ ମାଙ୍କଡା ପଥର କାଟି ଛାଡି ଯାଉଥିବା ଗଭୀର ଖାଲରେ ଉଭୟେ ପଶୁ ଓ ମଣିଷ ପଡ଼ି ମୃତ୍ୟୁ ମୁଖରେ ପଡୁଛନ୍ତି। ଜବରଦଖଲକାରୀଙ୍କୁ କିପରି ବିଦ୍ୟୁତ୍ ଓ ପାଣି ସଂଯୋଗ ଦିଆଯାଉଛି ତାହା ତଦନ୍ତ ସାପେକ୍ଷ। ଏ ନେଇ ସୋମବାର ଜଟଣୀ ବ୍ଲକରେ ହୋଇଥିବା ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଛି।
>
> **-ବୀର କିଶୋର ବାରିକ, ଛଣଘର-କୁଶମାଟି, ଜଟଣୀ**

### ଚାକିରି ଦେବା ନାଁରେ ଓଏଲଏକ୍ସରେ ଠକେଇ

**କଟକ ରୋଡ,୧୮।୨(ଡି.ଏନ୍.ଏ.)**

ଚାକିରି ଦେବା ନାଁରେ ଓଏଲଏକ୍ସରେ ଠକେଇ ଅଭିଯୋଗରେ ବଡ଼ଗଡ଼ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ତରିକୁନ୍ଦ ଗ୍ରାମର ସଂଗ୍ରାମ କେଶରୀ ରାୟ। ପୋଲିସ ସୂଚନା ଅନୁଯାୟୀ, ଦୀର୍ଘଦିନ ହେବ ସଂଗ୍ରାମ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), କ୍ୟାପିଟାଲ ହସ୍ପିଟାଲରେ ବିଭିନ୍ନ ପଦବୀ ଖାଲିଥିବା ଓଏଲଏକ୍ସରେ ବିଜ୍ଞାପନ ଦେଇଥିଲେ। ଏହା ସହିତ ଉକ୍ତ ପଦବୀରେ ଅଭିଯୁକ୍ତ ଚାକିରି ଦେବାକୁ କହି ଅନେକ ବ୍ୟକ୍ତିଙ୍କ ସହ ସମ୍ପର୍କ ସ୍ଥାପନ କରିଥିଲେ। ସୁନ୍ଦରଗଡ଼ ଅଞ୍ଚଳର ସ୍ୱପ୍ନା ସ୍ୱାଇଁ ଚାକିରି ଆଶାରେ ସଂଗ୍ରାମଙ୍କୁ ଯୋଗାଯୋଗ କରିବା ସହ ତାଙ୍କୁ ବିଏମସିରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ରଖାଇଦେବାକୁ କହି ଅର୍ଥ ନେଇଥିଲେ। କିନ୍ତୁ ଏ ନେଇ କୌଣସି ଅଗ୍ରଗତି ନ ହେବା ଫଳରେ ଗତ ୨୦୧୯ ସେପ୍ଟେମ୍ବର ୨୪ ରେ ବଡ଼ଗଡ଼ ଥାନାରେ ସ୍ୱପ୍ନା ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୨୬୧/୧୯)ରୁଜୁ ହୋଇଥିଲା। ତେବେ ଏହା ପରେ ଅଭିଯୁକ୍ତ ଫେରାର ରହିଥିବା ବେଳେ ଖଣ୍ଡଗିରି ଥାନା ଅଧୀନ ପାତ୍ରପଡ଼ା ଅଞ୍ଚଳରେ ରହୁଥିବା କିରଣ ନାୟକଙ୍କୁ ମଧ୍ୟ ଡାକ୍ତରଖାନାରେ ଚାକିରି ଦେବା ନାଁରେ ସଂଗ୍ରାମ ଟଙ୍କା ନେଇଥିଲେ। ଏ ନେଇ କିରଣଙ୍କ ଅଭିଯୋଗକ୍ରମେ ବଡ଼ଗଡ଼ ପୋଲିସ ଏକ ମାମଲା(ନଂ.୬୮/୨୦)ରୁଜୁ କରିଥିଲା। ଉଭୟ ଅଭିଯୋଗକାରୀଙ୍କଠାରୁ ସଂଗ୍ରାମ ୨୬ହଜାର ଟଙ୍କା ଠକି ନେଇଥିବା ପୋଲିସ କହିଛି।

## ମତ୍ସ୍ୟଜୀବୀ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

**ଟାଙ୍ଗୀ (ଖୋର୍ଦ୍ଧା), ୧୮।୨ (ଡି.ଏନ.ଏ.)**

ଟାଙ୍ଗୀ ଥାନା ହାଟବରଡି ପଞ୍ଚାୟତ ଜୟନ୍ତୀପୁର ଗ୍ରାମରେ ସପ୍ତାହ ବ୍ୟାପୀ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ପ୍ରାୟ ୩୦ ଜଣ ଶିକ୍ଷିତ ମତ୍ସ୍ୟଜୀବୀଙ୍କୁ ସାମିଲ କରାଯାଇଥିଲା । ସେମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଭାରତ ସରକାରଙ୍କ କୋଚିନ୍‌ସ୍ଥିତ ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ ଫିସରୀ ଟେକ୍ନୋଲୋଜି ଓ ଓଡିଶାର ନେଟଫିସ, ଏମପିଇଡିଏର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମତ୍ସ୍ୟ ପରାମର୍ଶଦାତା ସୂର୍ଯ୍ୟ କୁମାର ମହାନ୍ତି, ନେଟଫିସ ରାଜ୍ୟ ସଂଯୋଜକ ଶୁଭ୍ରକାନ୍ତ ମହାପାତ୍ର, ଡେପୁଟି ଡାଇରେକ୍ଟର ଏମପିଇଡିଏ ଉମେଶ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ମତ୍ସ୍ୟ ଅଧିକାରୀ ଯଯାତି କେଶରୀ ବିଶ୍ୱାଳ, ପଲ୍ଲୀଶ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭୁବନେଶ୍ୱରର ସମ୍ପାଦକ ଦୁର୍ଗାପ୍ରସାଦ ଦାଶ ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମର ସଫଳତା ଦିଗରେ ମତ୍ସ୍ୟ ସମବାୟ ସମିତିର ସଭାପତି ପଦ୍ମଚରଣ ବେହେରା, ସମ୍ପାଦକ ପଙ୍କଜ ବେହେରା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।




ଶିବିରରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।

### ଡକାୟତି ଯୋଜନା, ୫ ଗିରଫ

**କଟକ ରୋଡ, ୧୮।୨ (ଡି.ଏନ୍.ଏ.):** ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ବେଳେ ପୋଲିସ ୫ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବୁଦ୍ଧନଗର ଭୋଇସାହିରେ ରହୁଥିବା ଅଜୁ ବର୍ଦ୍ଧନ, ବନଫୁଲ ବସ୍ତିର ଟିଙ୍କିଆ ପ୍ରଧାନ, ଇନଫୋସିଟି ଥାନା ସାଇବନଫୁଲ ବସ୍ତିରେ ରହୁଥିବା ବାପି ନାୟକ, ନରେଶ ରାଉତ ଓ ଶହୀଦନଗର ଥାନା ଶିଖରଚଣ୍ଡୀ ସାହିରେ ରହୁଥିବା ଟିଙ୍କି ଖାନ୍। ଏମାନଙ୍କ ନିକଟରୁ ୨ଟି ମାରଣାସ୍ତ୍ର ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୧୭ତାରିଖ ବିଳମ୍ବିତ ରାତ୍ରିରେ ଅଭିଯୁକ୍ତମାନେ ଲକ୍ଷ୍ମୀସାଗର ଥାନା କେନାଲ ରୋଡ ଓସ୍କାର ସିଟି ନିକଟରେ ଏକତ୍ରିତ ହୋଇ କୌଣସି ବ୍ୟକ୍ତିଙ୍କ ଘରେ ଡକାୟତି ପାଇଁ ଯୋଜନା କରୁଥିଲେ। ଏ ନେଇ ଥାନାକୁ ସୂଚନା ମିଳିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଧରିଥିଲା। ପୂର୍ବରୁ ଅଭିଯୁକ୍ତମାନଙ୍କ ନାମରେ ଚୋରି, ଲୁଟ ଭଳି ମାମଲା ରହିଥିବା ପୋଲିସ କହିଛି। ଲକ୍ଷ୍ମୀସାଗର ଥାନା ଅଧିକାରୀ ଦୟାନିଧି ନାୟକଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୫୮/୨୦)ରୁଜୁ ହୋଇଛି।

## ପରୀକ୍ଷା ଆସିଲା, ହେଲେ ସରିନି ପାଠପଢ଼ା

**ନିରାକାରପୁର,୧୮।୨(ଡି.ଏନ.ଏ.)–**



ବୁଧବାର ଆରମ୍ଭ ହେଉଛି ମାଟ୍ରିକ ପରୀକ୍ଷା। ଶିକ୍ଷା ବିଭାଗ ନୀତିନିୟମ ଅନୁସାରେ ନିର୍ଦ୍ଧାରିତ ପାଠ୍ୟକ୍ରମ ଯଥା ପ୍ରଥମ ଭାଷା(ଓଡିଆ), ୨ୟ ଭାଷା(ଇଂଲିଶ), ତୃତୀୟ ଭାଷା(ସଂସ୍କୃତ, ହିନ୍ଦୀ)ଗଣିତ, ସାମାଜିକ(ଏସ୍‌ଏସ୍‌ଜି), ବିଜ୍ଞାନ(ଏସ୍‌ଏସ୍‌ଟି), ବିଜ୍ଞାନ ପ୍ରଥମ(ଏସ୍‌ସିପି),୨ୟ(ଏସ୍‌ସିଏଲ୍)ର ଅଧିକାଂଶ ପାଠ୍ୟସୂଚୀ କେତେକ ସ୍କୁଲରେ ଶେଷ ହୋଇପାରି ନାହିଁ । ସରକାରଙ୍କ ତରଫରୁ ଶିକ୍ଷକ, ଅତିରିକ୍ତ ଶିକ୍ଷକ ଓ ଅତିଥି ଶିକ୍ଷକ ନିଯୁକ୍ତି ଦିଆଯାଇଥିଲେ ମଧ ଦଶମ ବୋର୍ଡ ପରୀକ୍ଷା ସମୟକୁ ବିଭିନ୍ନ ବିଷୟର ପାଠ୍ୟସୂଚୀ ସରି ନ ଥିବା ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ପିଲାମାନଙ୍କ ଭବିଷ୍ୟତ ସହ ଖେଳା ଯାଉଥିବା ନେଇ ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାଳୟର କେତେକ ଛାତ୍ରୀଛାତ୍ରଙ୍କ ଅଭିଭାବକ ଅଭିଯୋଗ କରିଛନ୍ତି। ଉକ୍ତ ବିଦ୍ୟାଳୟରୁ ଚଳିତବର୍ଷ ୧୨୨ଜଣ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୧୧୫ଜଣ ରେଗୁଲାର ଓ ଆଉ ୭ ଜଣ ଏକ୍ସରେଗୁଲାର ପରୀକ୍ଷା ଦେବା ପାଇଁ ସ୍ଥିର ହୋଇଛି । ତେବେ ଏହି ପରୀକ୍ଷା ଦେବାକୁ ଥିବା କିଛି ଛାତ୍ରୀଛାତ୍ରଙ୍କ କହିବା ଅନୁସାରେ ଗଣିତ, ଇଂଲିଶର ଅଧିକାଂଶ ପାଠ୍ୟସୂଚୀ ପଢାଯାଇ ନାହିଁ। ଅନ୍ୟାନ୍ୟ ବିଷୟ ମଧ ପଢା ଶେଷ ହୋଇନାହିଁ।

**ସେମାନେ ଯାହା କୁହନ୍ତି...**

ମୋ ପୁଅ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବ। ହେଲେ ସ୍କୁଲରେ ପ୍ରାୟ ଅଧିକାଂଶ ବିଷୟରେ ପାଠପଢା ସରିପାରିଲା ନାହିଁ। ଗଣିତ, ଇଂଲିଶ ଭଳି ଅନ୍ୟ ବିଷୟ ରହିଛି । ଯଦି ପଢା ହୋଇ ନ ଥିବା ବିଷୟରୁ ପ୍ରଶ୍ନ ଆସେ ତେବେ ଏଥିପାଇଁ କିଏ ଦାୟୀ ରହିବ ।

**ଦିଲୀପ ସାମନ୍ତରାୟ , ଅଭିଭାବକ**

ଆମର ସବୁ ବିଷୟର ପାଠପଢା ପ୍ରାୟ ଶେଷ ହୋଇଯାଇଛି । କେବଳ ବିଜ୍ଞାନ ପ୍ରଥମ(ଏସ୍‌ସିପି)ଟିକିଏ ରହିଯାଇଛି।

**ଅନିନ୍ଦିତା ବେହେରା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ**

ଆଗରୁ ଏ ସମ୍ପର୍କରେ ଅଭିଭାବକମାନେ ସ୍କୁଲ ଶିକ୍ଷକଙ୍କ ସହିତ ଆଲୋଚନା କରିବା କଥା । ଏହି ଘଡିସନ୍ଧି ମୁହୂର୍ତ୍ତରେ କ'ଣ କରାଯାଇ ପାରିବ। ତେବେ ମୁଁ ପ୍ରଧାନ ଶିକ୍ଷକଙ୍କ ସହିତ ଏ ନେଇ କଥା ହେଉଛି।

**ବନ୍ଦନା ମହାପାତ୍ର, ଜିଲା ଶିକ୍ଷା ଅଧିକାରୀ**

## ଗାର୍ଡ଼ କାଉନ୍‌ସିଲର ପ୍ରତିଷ୍ଠା ଦିବସ

**ଜଟଣୀ, ୧୮।୨(ଡି.ଏନ.ଏ.)**

ଅଲ୍ ଇଣ୍ଡିଆ ଗାର୍ଡ଼କାଉନ୍‌ସିଲର ୫୫ତମ ପ୍ରତିଷ୍ଠା ଦିବସ ଇଷ୍ଟକୋଷ୍ଟ ରେଲୱେର ବିଭିନ୍ନ ସ୍ଥାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଜଟଣୀସ୍ଥିତ ଗାନ୍ଧୀପାର୍କ ପରିସରରେ ଖୋର୍ଦ୍ଧାରୋଡ଼ ଡିଭିଜନ ଶାଖା ପକ୍ଷରୁ ଏହା ପାଳନ କରାଯାଇଥିଲା। ଏଥିରେ ଇଷ୍ଟକୋଷ୍ଟ ଜୋନର ସମ୍ପାଦକ ସନ୍ତୋଷ କୁମାର ନିଶଙ୍କ, ଯୁଗ୍ମ ସମ୍ପାଦକ ଡି.ଭି.ଆର. ମୂର୍ତ୍ତି, ଉପସଭାପତି ଅଲିମ ଖାନ୍, ମଣ୍ଡଳ ସମ୍ପାଦକ ରଶ୍ମିରଞ୍ଜନ ସ୍ୱାଇଁ, ଉପସଭାପତି ଅଜୟ କୁମାର ଦାସ, ପି.କେ. ପାତ୍ର, ପି.କେ. ପଟ୍ଟନାୟକଙ୍କ ସମେତ ଅନେକ ସଦସ୍ୟମାନେ ଉପସ୍ଥିତ ରହିଥିଲେ। ଏହି ପରିପ୍ରେକ୍ଷୀରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସଙ୍ଗଠନର ପତାକା ଉତ୍ତୋଳନ କରାଯାଇଥିଲା।



ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ଗାର୍ଡ କାଉନସିଲର ପ୍ରତିଷ୍ଠା ଦିବସରେ ଉପସ୍ଥିତ ଅତିଥିମାନେ ।

## ୮୦% କାମକୁ ଲାଗିଲାଣି ୧୪ ବର୍ଷ

**ଶେଷ ହେଉନି ବେଗୁନିଆରେ ଟାଉନ ହଲ୍ ନିର୍ମାଣ**

**ବେଗୁନିଆ, ୧୮।୨(ଡି.ଏନ.ଏ.):**

ଖୋର୍ଦ୍ଧା ଜିଲା ବେଗୁନିଆ ସଦର ମହକୁମାରେ ନିର୍ମାଣାଧୀନ ଟାଉନ ହଲ ନିର୍ମାଣ କାର୍ଯ୍ୟ ଶେଷ ହେଉଛି। ଶିଳାନ୍ୟାସ ଆରମ୍ଭରୁ ଆଜକୁ ୧୪ ବର୍ଷ ଲାଗିଲାଣି। ସରକାରୀ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଲୋକଙ୍କ ହିତରେ ଲାଗି ପାରୁନି ଟାଉନ ହଲ। ତେବେ କେବେ ନିର୍ମାଣ କାର୍ଯ୍ୟ ଶେଷ ହେବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

୨୦୦୬ ଅକ୍ଟୋବର ୨୩ରେ ରାଜ୍ୟ ସରକାର ଟାଉନ ହଲ ନିର୍ମାଣ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରିଥିଲେ। ଏଥିରେ ବିଜୁ ପଟ୍ଟନାୟକ ସଭାଗୃହ ଓ କଲ୍ୟାଣ ମଣ୍ଡପ ନିର୍ମାଣ ହେବାର ପ୍ରସ୍ତାବ ରହିଥିଲା। ବ୍ଲକ କାର୍ଯ୍ୟାଳୟ ନିକଟରେ ଏବେକାର ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ସେତେବେଳର ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ ଏଥିପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତାହା ପରେ ଗୃହ ନିର୍ମାଣ ପାଇଁ ମାଟି ଖୋଳା ଯାଇଥିଲା। ଲୋକେ ଆଶା କରିଥିଲେ ସେମାନଙ୍କ ଦାବି ପୂରଣ ହେଲା। ଏପରି କି ଶୀଘ୍ର ନିର୍ମାଣ ଶେଷ ହୋଇ ସେବା ମିଳିବ। ହେଲେ ସବୁ ଆଶା ସମୟକ୍ରମେ ମଉଳି ଯାଇଛି। ବଦଳରେ ଏବେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ନିର୍ମାଣାଧୀନ ପ୍ରକଳ୍ପ ପାଇଁ ପର୍ଯ୍ୟାୟ ଅନୁସାରେ ବ୍ୟୟବରାଦ ଆସି ୭୦ ଲକ୍ଷ ଟପିଲାଣି। ୫ ଜଣ ଠିକାଦାର ଏହି କାର୍ଯ୍ୟରୁ ଅବ୍ୟାହତି ନେଇ ସାରିଲେଣି। ଏଣେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୋଇ ମନ୍ଥର ଗତିରେ ଚାଲିଛି। ୧୪ ବର୍ଷ ହେଲା ପରେ ବି ୮୦ ପ୍ରତିଶତ କାମ ଶେଷ ହୋଇଛି।




ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଟାଉନ ହଲ ।

ବେଗୁନିଆ ହେଉଛି ବ୍ଲକ୍ ଓ ନିର୍ବାଚନମଣ୍ଡଳୀ ମୁଖ୍ୟାଳୟ ଏବଂ ଜିଲା ପ୍ରମୁଖ ସହରାଞ୍ଚଳ ମଧ୍ୟରେ ଅନ୍ୟତମ। ଏଠାରେ ଦୈନିକ ପ୍ରାୟ ସରକାରୀ, ବେସରକାରୀ, କୃଷି ଓ ରାଜନୈତିକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଏଠାରେ ପ୍ରସ୍ତାବିତ ବିଜୁ ପଟ୍ଟନାୟକ ସଭାଗୃହ ନିର୍ମାଣ ହୋଇ ପାରୁ ନ ଥିବାରୁ ସଭା ଓ ଅନ୍ୟାନ୍ୟ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେଉଛି। ଆୟୋଜକମାନେ ଦୂରଦୂରାନ୍ତରେ ଥିବା ବାମୂଳେଇ ପୀଠ, ଦୁର୍ଗାଦେବୀ ପଡିଆ, ମିନିଷ୍ଟାଡିୟମ, ଅତ୍ରିର ହଟ୍ଟକେଶ୍ୱର ଦେବ ଏବଂ ଗଡମାଣତୀର ମା' ରାମଚଣ୍ଡୀ ପୀଠ ପରିସରରେ ବାଧ ହୋଇ ସଭାସମିତି କରୁଛନ୍ତି। ସେହିପରି ବିବାହ, ବ୍ରତ ପାଇଁ କଲ୍ୟାଣ ମଣ୍ଡପଟିଏ ନ ଥିବାରୁ ଲୋକେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ କୁହନ୍ତି, ଉକ୍ତ ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ଏ ସଂକ୍ରାନ୍ତରେ ବିଡିଓ ରଶ୍ମିରେଖା ଦାସଙ୍କୁ ପଚାରିବାରେ ଏବେ ଉନ୍ନୟନ କାର୍ଯ୍ୟଭାର ହାତକୁ ନେଇଛି। ତଥାପି ନିଜେ ପ୍ରକଳ୍ପ କାର୍ଯ୍ୟକୁ ପରିଦର୍ଶନରେ ଯାଇ ଯଥାସମ୍ଭବ ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ ଜାରି ରଖିଛି ବୋଲି ସେ କହିଛନ୍ତି।



ଯେଉଁ ଲୋକ ପ୍ରତ୍ୟେକ କଥାରେ କୈଫିୟତ ଚାହେଁ, ସେ ଲୋକ ଉପରେ ଆଦୌ ନିର୍ଭର କରନାହିଁ। -ଫ୍ରାଙ୍କ୍‌ଲିନ୍



## ସଂକ୍ଷେପରେ

### ପିକେଡିଏ ବୈଠକ ଅନୁଷ୍ଠିତ

ପୁରୀ ଅଫିସ, ୧୮।୨: ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ପିକେଡିଏର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପିକେଡିଏ ଚେୟାରମ୍ୟାନ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଅଧକ୍ଷତା କରିଥିଲେ। ଜିଲାପାଳ ବଲୱନ୍ତ ସିଂ, ପିକେଡିଏ ସେକ୍ରେଟାରୀ ଲଲାଟେନ୍ଦୁ ସାହୁ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ହୋଇଛି। ଆସନ୍ତା ୨୦ତାରିଖରେ ସର୍ବକ୍ଷମା ଯୋଜନାର ଅବଧି ଶେଷ ହେଉଛି। ହେଲେ ପୁରୀରେ ଶହ ଶହ ବେଆଇନ ନିର୍ମାଣ ହୋଇଥିଲେ ମଧ ଉଲ୍ଲଂଘନକାରୀ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଅଳ୍ପ କେତେଜଣ ସର୍ବକ୍ଷମା ଯୋଜନାର ସୁବିଧା ନେବାକୁ ଆବେଦନ କରିଥିବାରୁ ଏ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଅବଧି ପରେ ସରକାରଙ୍କ ନିଷ୍ପତ୍ତି ମୁତାବକ ପଦକ୍ଷେପ ନିଆଯିବ ବୋଲି ଚୂଡ଼ାନ୍ତ ହୋଇଛି। ସେହିପରି ପୁରୀ ପୌରାଞ୍ଚଳରେ ଯେଉଁମାନେ ଘର କରିବା ପାଇଁ ଆବେଦନ କରୁଛନ୍ତି ସେମାନଙ୍କୁ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ଏନ୍‌ଓସି ଆଣିବାକୁ କୁହାଯାଉଛି। ଏହାକୁ ନେଇ ସହରବାସୀ ସମସ୍ୟାରେ ପଡୁଛନ୍ତି। ଏହାର ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲେ ମଧ କୌଣସି ନିଷ୍ପତ୍ତି ହୋଇପାରି ନ ଥିବା ଜଣାପଡ଼ିଛି।

### ନରେନ୍ଦ୍ରକୋଣ ଅଞ୍ଚଳରେ ବାର୍‌ହା ଆତଙ୍କ

ପୁରୀ ଅଫିସ,୧୮।୨: ନରେନ୍ଦ୍ରକୋଣ ଜଟିଆବାଜି ଛକ ନିକଟ ଜନବସତିକୁ ମଙ୍ଗଳବାର ରାତି ପ୍ରାୟ ସାଢେ ୧୧ଟାରେ ଏକ ଜଙ୍ଗଲି ବାର୍‌ହା ପଶି ଆସିଥିଲା। କେତେଜଣ ଲୋକ ଏହାକୁ ଦେଖି ହୋ ହଲ୍ଲା କରିଥିଲେ। ଲୋକେ ଗୋଡାଇବାରୁ ବାର୍‌ହା ଦୌଡି ଏକ ଜଙ୍ଗଲିଆ ସ୍ଥାନରେ ଲୁଚି ଯାଇଥିଲା। ଅନ୍ଧାରରେ ଲୋକମାନେ ତାକୁ ପାଇ ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଛନ୍ତି।

### ୬ କେନ୍ଦ୍ରରେ ୧୩୬୫ ମାଟ୍ରିକ ପରୀକ୍ଷାର୍ଥୀ

ସାକ୍ଷୀଗୋପାଳ,୧୮।୨(ଡି.ଏନ୍.ଏ.): ଚଳିତବର୍ଷ ମାଟ୍ରିକ ପରୀକ୍ଷା ବୁଧବାରଠାରୁ ଆରମ୍ଭ ହେଉଛି। ଏଥିପାଇଁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ନୋଡାଲ ସେଣ୍ଟର ଅଧୀନରେ ଥିବା ୬ଟି ପରୀକ୍ଷା କେନ୍ଦ୍ରରେ ୧୩୬୫ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ମଧରେ ସକାଳ ୭ଟାରେ କେନ୍ଦ୍ରଗୁଡିକରେ ପହଞ୍ଚାଇବାକୁ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ନୋଡାଲ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ବିଜୟ କୁମାର ପରିଡା କହିଛନ୍ତି। ସୂଚନା ଅନୁଯାୟୀ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ ୨୬୩, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ୨୫୦, ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ୧୪୯, ରାୟଚକ୍ରଧରପୁର ୨୦୧, ଗବକୁଣ୍ଡ ଜୟଦୁର୍ଗା ହାଇସ୍କୁଲରେ ୨୦୫, ଅଲଗୁମ ଜାଗେଶ୍ୱରୀ ବିଦ୍ୟାପୀଠରେ ୨୯୭ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଧାର୍ଯ୍ୟ କରାଯାଇଛି।

# ପଲିଥିନ ତଳେ ବସୁଛନ୍ତି ପାଠିକାପାଠକ

■ ଫନୀ ପ୍ରଭାବିତ ପଞ୍ଚସଖା ପାଠାଗାରର ଭାଙ୍ଗିଛି ଆଜବେଷ୍ଟସ, ସିଲିଂ

ସାକ୍ଷୀଗୋପାଳ, ୧୮।୨( ଡି.ଏନ.ଏ.) :

ଐତିହାସିକ ବକୁଳବନ ସମ୍ମୁଖରେ ଅବସ୍ଥିତ ସତ୍ୟବାଦୀ ଅଞ୍ଚଳର ଟାଉନ ହଲ ଭାବେ ଜଣାଶୁଣା ରାଜ୍ୟ ସଂସ୍କୃତି ବିଭାଗ ପରିଚାଳିତ ପଞ୍ଚସଖା ପାଠାଗାର ନାନା ଅବ୍ୟବସ୍ଥା ଦେଇ ଗତି କରୁଛି। ବିଗତ ୧୦ ମାସ ହେଲା ଫନୀ ପ୍ରଭାବିତ ଏହି ପୁରାତନ ପାଠାଗାରଟି ସରକାରଙ୍କ ଦୃଷ୍ଟି ଅନ୍ତରାଳରେ ରହି ଯାଇଛି। ଫନୀରେ ଆଜବେଷ୍ଟସ ଉଡି ଯାଇଥିବା ବେଳେ ସିଲିଂ ଖସି ପଡିଛି। ଫଳରେ ଗୃହଟି ଅଚଳ ଅବସ୍ଥାରେ ରହିଛି। ଖରା ବର୍ଷାରୁ ରକ୍ଷା ପାଇବାକୁ ସାମୟିକ ଭାବେ ବାତ୍ୟା ସମୟରେ ମିଳିଥିବା ପଲିଥିନ ଖଣ୍ଡିଏ ଛାତ ଉପରେ ପଡିଛି। ପ୍ରତିଦିନ ଏଠାକୁ ନିୟମିତ ଆସୁଥିବା ୨୫ରୁ ୩୦ ଜଣ ପାଠିକାପାଠକ ସେହି ପଲିଥିନ ତଳେ ବସି ପଢୁଥିବା ଦେଖାଯାଇଛି। ଇତିମଧ୍ୟରେ ଏହି ପାଠାଗାରରେ ଅନେକ ସଭା ସମିତି ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନେକ ରାଜନେତାଙ୍କଠାରୁ ଆରମ୍ଭକରି ଅଧିକାରୀମାନେ ଯୋଗଦେଇଥିଲେ ମଧ ଏହି ପାଠାଗାରଟିର ଦୁରବସ୍ଥା ପ୍ରତି କେହି ଧ୍ୟାନ ଦେଇନାହାନ୍ତି।

୧୯୮୧ ମେ'ରେ ଆରମ୍ଭ ହୋଇଥିବା ଏହି ପୁରୁଣା ପାଠାଗାର ମଧ୍ୟରେ ରହିଥିବା ମଞ୍ଚରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ପଣ୍ଡିତ ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ଆବକ୍ଷ ପ୍ରତିମୂର୍ତ୍ତି ରହିଛନ୍ତି। ଏହି ଆଜବେଷ୍ଟସ ହଲକୁ ସିଲିଂ କରାଯାଇଛି। ରିଡିଂ ରୁମରେ ପାଠିକାପାଠକମାନେ ବସିବା ନିମନ୍ତେ ପୁରୁଣା କାଠ ଟେବୁଲ ଓ ଚେୟାର ରହିଛି। ଆଲମିରା ମଧରେ ରହିଥିବା ୭ ହଜାରରୁ ଅଧିକ ମୂଲ୍ୟବାନ ଗ୍ରନ୍ଥଗୁଡିକ ମଧ୍ୟରେ ଚାରିବେଦ, ଉପନିଷଦ, ଶିବ ପୁରାଣ, ଶ୍ରୀମଦ୍ ଭାଗବତ ଗୀତା, ରାମାୟଣ, ପୂର୍ଣ୍ଣଚନ୍ଦ୍ର ଭାଷାକୋଷ ରହିଛି। ଏଥିସହ ମହାପୁରୁଷମାନଙ୍କ ରଚିତ କାବ୍ୟ କବିତା, ଜୀବନୀ, ଇଂଲିଶ ଏନ୍‌ସାଇକ୍ଲୋପେଡିଆ, ଅକ୍ସଫୋର୍ଡ ଡିକ୍ସିନାରି ଓ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉପାଦେୟ ପୁସ୍ତକ ରହିଛି। ପାଠାଗାରକୁ ଆସୁଥିବା ଦୈନିକ ଓଡ଼ିଆ ଓ ଇଂଲିଶ ଖବରକାଗଜ, ମାସିକ ପତ୍ରିକାମାନଙ୍କ ମଧ୍ୟରେ ପ୍ରତିଯୋଗିତା କିରଣ, ବ୍ୟାଙ୍କିଙ୍ଗ, କମ୍ପିଟେଶନ ଇନ୍ ଫୋକସ, କରେଣ୍ଟ ଆଫେୟାର୍ସ ଆଦି ଆବଶ୍ୟକ ପୁସ୍ତକ ପାଠ କରି ଏ ଅଞ୍ଚଳର ଅନେକ ଛାତ୍ରୀଛାତ୍ର କୃତିତ୍ୱର ସହ ବିଭିନ୍ନ କ୍ଷେତ୍ରରେ କର୍ମ ନିଯୁକ୍ତି ପାଇଛନ୍ତି। ଏତଦ୍ ବ୍ୟତୀତ ପୁଣ୍ୟାତ୍ମାଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ତନ୍ମଧରେ ପାଳିତ ହେଉଅଛି। ଏହି ପାଠାଗାରକୁ ନିୟମିତ ପରିଚାଳନା କରିବାକୁ ଏଠାରେ ଜଣେ ଲାଇବ୍ରେରିୟାନ ଓ ଜଣେ ଜଗୁଆଳି ରହୁଛନ୍ତି। ମାତ୍ର ଦୁଇବର୍ଷ ହେଲା ଅବସର ନେଇଥିବା ଜଗୁଆଳିଙ୍କ ବଦଳରେ ନିଯୁକ୍ତି ଦିଆଯାଉନାହିଁ। ପ୍ରତିବର୍ଷ ଅଁଳା ନବମୀ ଅବସରରେ ଆୟୋଜିତ ହେଉଥିବା ୩ ଦିନ ବ୍ୟାପୀ ଶ୍ରୀରାଧା ଉତ୍ସବ ସାଂସ୍କୃତିକ ସମାରୋହ ଓ ସତ୍ୟବାଦୀ ମହୋତ୍ସବରେ କଳାକାରମାନଙ୍କ ଗ୍ରୀନରୁମ ଭାବେ ପାଠାଗାରଟି ବ୍ୟବହୃତ ହୋଇଥାଏ। ସତ୍ୟବାଦୀ ର ଏକମାତ୍ର ସରକାରୀ ପାଠାଗାର ଓ ସଂସ୍କୃତି ଭବନ ଭାବରେ ବ୍ୟବହୃତ ହେଉଥିବା ପୁରୁଣା ପାଠାଗାରଟିର କଳେବର ବୃଦ୍ଧି ସାଙ୍ଗକୁ ଉନ୍ନୟନ ଜରୁରୀ ହୋଇଛି। ତେବେ ପୁରୀ ଜିଲା ସଂସ୍କୃତି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରହିଥିବା ପାଠଗାରଟିର ଅବ୍ୟବସ୍ଥାର କାରଣ ନେଇ ପଚାରିବାରେ ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାଶ କୁହନ୍ତି, ପାଠାଗାର ଖୋଲା ଯାଇଥିବା ଜମି ସଂସ୍କୃତି ବିଭାଗର ନୁହେଁ। ଯେହେତୁ ସେଠାରେ ପାଠାଗାର ଚାଲିଛି, ପ୍ରତିଦିନ ପିଲାମାନେ ସେଠାରେ ପଢୁଛନ୍ତି ଏହାକୁ ଗୁରୁତ୍ୱ ଦିଆଯାଇଛି। ଫନୀ କ୍ଷୟକ୍ଷତି ମରାମତି ପାଇଁ କେତେ ଟଙ୍କା ଆବଶ୍ୟକ ଏହାର ଆକଳନ କରି ଏଷ୍ଟିମେଟ ଦେବାକୁ ଜିଲା ପ୍ରଶାସନ ପକ୍ଷରୁ ପୁରୀ ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଥିଲା। ଏଷ୍ଟିମେଟ ମିଳିବା ପରେ ବ୍ୟୟ ମଞ୍ଜୁର କରାଯାଇ ମରାମତିକରାଯିବ ବୋଲି ସେ କହିଛନ୍ତି। ସତ୍ୟବାଦୀରେ ପାଠାଗାର ତଥା ସଂସ୍କୃତି ଭବନ ନିଜସ୍ୱ ଜମିରେ ନିର୍ମାଣ କରିବାକୁ ସରକାରୀ ଜମି ଯୋଗାଇଦେବାକୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ଫନୀ କ୍ଷୟକ୍ଷତି ମରାମତି ଓ ନିଜସ୍ୱ ଜମିରେ କେବେ ସଂସ୍କୃତି ଭବନ ନିର୍ମାଣ ହେବ ଏହା ଦେଖିବାକୁ ବାକି ରହିଛି।



କ୍ଷତିଗ୍ରସ୍ତ ହୋଇଥିବା ପାଠାଗାରର ଆଜବେଷ୍ଟସ୍।

# ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ

■ ସୂଚନା ଅଧିକାର କର୍ମୀଙ୍କ ହତ୍ୟା ଘଟଣା

ପୁରୀ ଅଫିସ, ୧୮।୨:

କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ମାଣିକପୁର ଗାଁର ସୂଚନା ଅଧିକାର କର୍ମୀ ରଞ୍ଜନ କୁମାର ଦାସଙ୍କ ହତ୍ୟା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ, ଅଭିଯୁକ୍ତଙ୍କୁ ଗିରଫ ଏବଂ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ଦାବିରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୁରୀ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି। ଓଡ଼ିଶା ସୂଚନା ଅଧିକାର ଅଭିଯାନ ପୁରୀ ଜିଲା ଶାଖା ପକ୍ଷରୁ ଦିଆଯାଇଥିବା ଏହି ସ୍ମାରକପତ୍ରରେ ୬ଟି ଦାବି ରହିଛି। ଏଗୁଡ଼ିକ ହେଲା ସ୍ଥାନୀୟ ପୋଲିସର ନିଷ୍କ୍ରିୟତା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିବାରୁ ଡିଜିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ହତ୍ୟାକାଣ୍ଡର ତଦନ୍ତ କରାଯାଉ। ରଞ୍ଜନଙ୍କ ହତ୍ୟା ମାମଲାରେ ଅନୁସୂଚିତ ଜାତି, ଜନଜାତି (ନିର୍ଯାତନା ନିବାରଣ) ଆଇନ, ୧୯୯୮ ଆଧାରରେ ଦଫା ଲଗାଇ ନ ଥିବା ମାର୍ଶାଘାଇ ଥାନା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି ରଞ୍ଜନ ୨୦୧୯ ଡିସେମ୍ବର ୧୧ରେ ପାଟକୁରା ଥାନାରେ ଜଣାଇଥିଲେ। କିନ୍ତୁ କୌଣସି ପଦକ୍ଷେପ ନେଇ ନ ଥିବାରୁ ଥାନା ଅଧିକାରୀଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଉ। ରଞ୍ଜନଙ୍କ ପୂର୍ବ ଏତଲା ଓ ଏବେ ତାଙ୍କ ହତ୍ୟାକାଣ୍ଡ ସମ୍ପର୍କିତ ଏତଲାକୁ ଏକତ୍ର କରି ତଦନ୍ତ କରାଯାଇ ଅପରାଧୀଙ୍କୁ ଗିରଫ କରାଯାଉ। ଏଥିସହ ତାଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ବଟକୃଷ୍ଣ ପ୍ରଧାନ, କାହ୍ନୁଚରଣ ପ୍ରଧାନ, ସୂର୍ଯ୍ୟନାରାୟଣ ରଥ, ସନ୍ତୋଷ କୁମାର ମହାନ୍ତି, ବୁଲିଆ ଦାସ, ଭଗବାନ ନାୟକ, ଲକ୍ଷ୍ମୀଧର ଜେନା, ଧରଣୀଧର ବରାଳ ପ୍ରମୁଖ ଜିଲାପାଳ ବଲୱନ୍ତ ସିଂଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।




ଜିଲାପାଳଙ୍କୁ ସ୍ମାରକପତ୍ର ଦେବାପାଇଁ ଆସିଥିବା ସୂଚନା ଅଧିକାର କର୍ମୀମାନେ।

# ଅସ୍ତରଙ୍ଗ ବେଳାଭୂମି ପରିଦର୍ଶନ କଲେ ଜିଲାପାଳ



ଅଧିକାରୀ ଏବଂ ଅନ୍ୟମାନଙ୍କ ସହ ଜିଲାପାଳ ବଲୱନ୍ତ ସିଂ ଆଲୋଚନା କରୁଛନ୍ତି।

ଅସ୍ତରଙ୍ଗ, ୧୮।୨(ଡି.ଏନ୍.ଏ.)

## ବ୍ଲୁ ଫ୍ଲାଗ ବିଚ୍ ମାନ୍ୟତା ନେଇ ଭିତ୍ତିଭୂମି ଅନୁଧ୍ୟାନ

ପୁରୀ ଜିଲାପାଳ ବଲୱନ୍ତ ସିଂ ମଙ୍ଗଳବାର ଅସ୍ତରଙ୍ଗ ବେଳାଭୂମି ପରିଦର୍ଶନ କରି ପ୍ରସ୍ତାବିତ ବ୍ଲୁ ଫ୍ଲାଗ ବିଚ୍ ମାନ୍ୟତା ନେଇ ଭୌଗୋଳିକ ସ୍ଥିତି ପରଖିଛନ୍ତି। ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଜିଲାପାଳ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଅଚାନକ ପହଞ୍ଚିଥିଲେ। ପରେ ଜାହାନିଆ ବେଳାଭୂମି ପରିଦର୍ଶନରେ ଯାଇଥିଲେ। ଜାହାନିଆ ପୀର ପୀଠରୁ ସମୁଦ୍ରକୂଳ ପର୍ଯ୍ୟନ୍ତ ପରିବେଶ ଓ ପାରିପାର୍ଶିକ ସ୍ଥିତି, ଅସଜଡ଼ା ଭିତ୍ତିଭୂମି, ଟ୍ରାଫିକ ସମସ୍ୟା, ଆଗାମୀ ଦିନରେ ବ୍ୟବସାୟୀଙ୍କ ଥଇଥାନ ଏବଂ ଅନ୍ୟାନ୍ୟ ଦିଗ ଉପରେ ତର୍ଜମା କରିଥିଲେ। କଣମଣ ଛକରୁ ଜାହାନିଆକୁ ଲମ୍ବିଥିବା ସଙ୍କୁଚିତ ରାସ୍ତାର ସମ୍ପ୍ରସାରଣ ନେଇ ଆଲୋଚନା କରିଥିଲେ। ଅସ୍ତରଙ୍ଗ ବେଳାଭୂମିର ସାମଗ୍ରିକ ବିକାଶ ଓ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତା ପାଇଁ ପୂର୍ବରୁ ଦାବି ହୋଇଆସୁଛି। ରାଜ୍ୟର ୧୦ଟି ବେଳାଭୂମି ବ୍ଲୁଫ୍ଲାଗ ବିଚ ପ୍ରସ୍ତାବ ମଧ୍ୟରେ ଅସ୍ତରଙ୍ଗ ବେଳାଭୂମି ରହିଛି। ଏବେ ପ୍ରସ୍ତାବିତ ବ୍ଲୁ ଫ୍ଲାଗ ବିଚ୍ ତାଲିକାରେ ଅସ୍ତରଙ୍ଗକୁ ଯୋଡ଼ିବା ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଯାହାକୁ ନେଇ ପ୍ରଶାସନ ମହଲରେ ଚାଲିଛି ମାନସ ମନ୍ଥନ। ଗତ ଜାନୁୟାରୀ ୧୪ରେ ଏକ ସ୍ୱତନ୍ତ୍ର ଟିମ୍ ବେଳାଭୂମିକୁ ପରିଦର୍ଶନ କରି ସର୍ଭେ କରିବା ସହ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଜିଲାପାଳ ସିଂ ସ୍ଥାନୀୟ ଜନପ୍ରତିନିଧି ଓ ବନ ବିଭାଗ ଟିମ୍ ସହ ଆଲୋଚନା କରିଥିଲେ। ଏହି ସମୟରେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକ, ବନ ବିଭାଗ କର୍ମଚାରୀ, ପରିବେଶବିତ ଶୋଭାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ବୈଠକ

ପୁରୀ ଅଫିସ,୧୮।୨:

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର କାର୍ଯ୍ୟକାରୀ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଲକ୍ଷ୍ମୀଧର ତ୍ରିପାଠୀ ଅଧକ୍ଷତା କରିଥିଲେ। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପେନସନ୍ ଭୋଗୀ ଶିକ୍ଷକ କର୍ମଚାରୀଙ୍କ ପ୍ରତି ସରକାର ଅବହେଳା କରୁଛନ୍ତି। ୫ ପ୍ରତିଶତ ମହଙ୍ଗା ଭତ୍ତାକୁ ୨୦୧୯ ଜୁଲାଇରୁ ପିଛିଲା ଭାବେ ଲାଗୁ ନ କରି ଜାନୁୟାରୀ ୨୦୨୦ରୁ ଲାଗୁ ନେଇ କରିଥିବା ଘୋଷଣା ନାମକୁ ସଂଘ ତୀବ୍ର ବିରୋଧ କରିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଘ ସମ୍ପାଦକ ବିଶ୍ୱନାଥ ବେହେରା କହିଛନ୍ତି। ଆସନ୍ତା ୨୫ତାରିଖରେ ଏ ନେଇ ସଂଘର ଆଲୋଚନା ହେବ। ସରକାର ନିଜ ନିଷ୍ପତ୍ତିର ପୁନଃ ତର୍ଜମା ନ କଲେ ଆନ୍ଦୋଳନ କରାଯିବ ବୋଲି ସମ୍ପାଦକ କହିଛନ୍ତି। ସେହିପରି ପୁରୀ ସଦର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଏହି ନିଷ୍ପତ୍ତିର ପ୍ରତିବାଦ କରିଛି। ଏ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ମନୋରଞ୍ଜନ ମହାପାତ୍ର, ଧୀରେନ ବୀଣାକାର, ରାମନାରାୟଣ ମିଶ୍ର, କେଦାର ଚରଣ ସାହୁ, ମିହିର ମାନସିଂ, ସୌମ୍ୟରଞ୍ଜନ ରଥ, ସ୍ନେହଲତା ଦାଶ, ସଂଯୁକ୍ତା ମଲିକ ଯୋଗଦେଇଥିଲେ।

## 'ପରୀକ୍ଷାକୁ ନେଇ ଆମେ ଉତ୍ସାହିତ'

ପୁରୀ ଅଫିସ, ୧୮।୨:

ବୁଧବାରଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେଉଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧରେ ଆଶା ଓ ଆଶଙ୍କା ଦେଖାଦେଇଛି। ତେବେ ସେମାନେ ଉତ୍ସାହିତ ଥିବା କେତେଜଣ ପରୀକ୍ଷାର୍ଥୀ କହିଛନ୍ତି।

### ୮ରୁ ୧୦ଘଣ୍ଟା ପରିଶ୍ରମ କରୁଛି



ମାଟ୍ରିକ ପରୀକ୍ଷା ଲାଗି ମୁଁ ଟିକେ ଚିନ୍ତିତ ହୋଇପଡ଼ିଛି। କାରଣ ମୁଁ ଗଣିତ ଓ ବିଜ୍ଞାନରେ ଦୁର୍ବଳ ଅଛି। ତଥାପି ମୋର ସମସ୍ତ ପରୀକ୍ଷା ଭଲ ହେବ ବୋଲି ଆଶା କରୁଛି। ୯୦ ପ୍ରତିଶତ ରହିବ ବୋଲି ବିଶ୍ୱାସ ରହିଛି। ଦିନକୁ ୮ରୁ ୧୦ଘଣ୍ଟା ପରିଶ୍ରମ କରୁଛି। ମୁଁ ସମସ୍ତ ବିଷୟର ୩ ଥର ରିଭାଇଜ୍ କରି ସାରିଛି। ପରୀକ୍ଷାକୁ ନେଇ ମୁଁ ଉତ୍ସାହିତ ଅଛି।

-ଆଞ୍ଚଲ ନାଗ, ଛାତ୍ରୀ

### ପରୀକ୍ଷା ପାଇଁ ଭୟ ନାହିଁ



ପରୀକ୍ଷା ଲାଗି ମୁଁ ପ୍ରସ୍ତୁତ। ଗଣିତରେ ଟିକେ ଦୁର୍ବଳ ଅଛି। ଏହି ବିଷୟରେ ମୁଁ ଅଧିକ ପରିଶ୍ରମ କରୁଛି। ଆଶା ୮୦ରୁ ୯୦ପ୍ରତିଶତ ରହିବ। ମୁଁ ସମସ୍ତ ବିଷୟ ଦୁଇ ଥର ରିଭିଜନ କରିସାରିଛି। ପରୀକ୍ଷା ପାଇଁ ଯଦିଓ ଭୟ ନାହିଁ ବେଳେ ବେଳେ ମନରେ ଆଶଙ୍କା ଆସୁଛି। ଏ ସମ୍ପର୍କରେ ବାପାଙ୍କ ସହ ଆଲୋଚନା କରିବା ପରେ ମୁଁ ଟିକେ ହାଲୁକା ଅନୁଭବ କରୁଛି।

-ପ୍ରିୟଦର୍ଶିନୀ ଦାଶ, ଛାତ୍ରୀ

### ପ୍ରଶ୍ନପତ୍ରକୁ ନେଇ ଦ୍ୱନ୍ଦ୍ୱରେ ରହିଛି



ପରୀକ୍ଷା ଲାଗି ମୁଁ ବହୁତ ଚିନ୍ତିତ ଅଛି। ପ୍ରଶ୍ନପତ୍ରକୁ ନେଇ ଦ୍ୱନ୍ଦ୍ୱରେ ରହିଛି। ଏ ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା ପରେ ପରୀକ୍ଷା ଲାଗି ପ୍ରସ୍ତୁତ ହୋଇଛି। ଦିନକୁ ୧୦ରୁ ୧୨ ଘଣ୍ଟା ପରିଶ୍ରମ କରୁଛି। ଆଶା କରୁଛି ମୋ ପରିଶ୍ରମର ଫଳ ନିଶ୍ଚିତ ପାଇବି। ବିଜ୍ଞାନରେ ଦୁର୍ବଳ ଥିବାରୁ ଏଥିପାଇଁ ଅଧିକ ପରିଶ୍ରମ କରୁଛି।

-କେ. ସୁପ୍ରିୟା, ଛାତ୍ରୀ।

# ୩ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ପୁରୀ ଷ୍ଟେଶନରେ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

ପୁରୀ ଅଫିସ, ୧୮।୨:

ମୁଥାଇ ଇଣ୍ଡିଆ ଫେଡେରେଶନ ଆନୁକୂଲ୍ୟରେ ୮ମ ଜାତୀୟ ମୁଥାଇ (ସେଲ୍ଫ ଡିଫେନ୍ସ) ପ୍ରତିଯୋଗିତା ଚେନ୍ନାଇସ୍ଥିତ ରେଲୱେ ସ୍କୁଲ ଖେଳପଡ଼ିଆରେ ଗତ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ଦେଶର ୨୨ଟି ରାଜ୍ୟରୁ ୪୮୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଓଡ଼ିଶାର ୧୬ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଓଡ଼ିଶା ୬ଟି ପଦକ ହାସଲ କରିଛି। ତନ୍ମଧରେ ଗୋଟିଏ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨୨ଟି କାଂସ୍ୟ ପଦକ ରହିଛି। ସେଥିମଧ୍ୟରୁ ପୁରୀ ୩ଟି ପଦକ ପାଇଛି। ଶକ୍ତି ସ୍ୱରୂପ ସାହୁ ସ୍ୱର୍ଣ୍ଣ, ଆଶିଷ କୁମାର ସାହୁ ରୌପ୍ୟ ଏବଂ ଅମ୍ଳାନ ଶୁଭମ ସ୍ୱାଇଁ କାଂସ୍ୟ ପଦକ ଜିତିଛନ୍ତି। କ୍ରୀଡ଼ା ସଙ୍ଗଠକ ସବ୍ୟସାଚୀ ରଥ କୋଚ ରହିଥିଲେ। ପୁରୀର ଏହି ତିନିଜଣ ଖେଳାଳି ମଙ୍ଗଳବାର ପୁରୀ ରେଳଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ବରିଷ୍ଠ କୋଚ୍ ପ୍ରଦୀପ କୁମାର ସାହୁ, ପୁରୀ ଜିଲା ମୁଥାଇ ସଂଘ ସଭାପତି ସମ୍ବିତ ରଞ୍ଜନ ମହାନ୍ତି, କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାନ୍ତି, ଲକ୍ଷ୍ମୀପ୍ରିୟା ନାଥ, ସତ୍ୟରଞ୍ଜନ ସାହୁ, ଶିବଶଙ୍କର ରେଡ୍ଡୀ ପ୍ରମୁଖ ଏହି ଖେଳାଳିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶକ୍ତି ସ୍ୱରୂପ ଆଗାମୀ ଏସିଆଡ ମୁଥାଇ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବା ଲାଗି ଯୋଗ୍ୟତା ହାସଲ କରିଛନ୍ତି ବୋଲି ରଥ କହିଛନ୍ତି।

# ବ୍ରହ୍ମପୁରରେ ଖୋଲିବ 'ନେକ୍' ଓଡ଼ିଶା ଜୋନ୍ ଚାପ୍ଟର

ଭୁବନେଶ୍ୱର, ୧୮।୨(ବ୍ୟୁରୋ)




ଖବରଦାତା ସମ୍ମିଳନୀରେ ଅଲ୍ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏଶନ ଅଧ୍ୟକ୍ଷ ମାନସ ମଙ୍ଗରାଜ ଏବଂ ଅନ୍ୟମାନେ।

■ଉପକୃତ ହେବେ କୁକୁଡ଼ା ଅଣ୍ଡା ଚାଷୀ
■ଓଡ଼ିଶା ଚାପ୍ଟର ଦ୍ୱାରା ମୂଲ୍ୟ ନିର୍ଦ୍ଧାରିତ ହେବ
■୨୦ରୁ ଲାଗୁ ହେବ ଓଡ଼ିଶାର 'ବେସ୍‌ରେଟ୍'

ଓଡ଼ିଶାରେ ଖୋଲିବ ନ୍ୟାଶନାଲ ଏଗ୍ କୋର୍ଡିନେଶନ କମିଟି(ଏନ୍‌ଇସିସି ବା ନେକ୍)ର ଓଡ଼ିଶା ଜୋନ୍ ଚାପ୍ଟର। ବ୍ରହ୍ମପୁରରେ ଏହି ଚାପ୍ଟର ଖୋଲିବ। ଏହା ପୂର୍ବରୁ ଓଡ଼ିଶାର ଚାଷୀମାନେ ନେକ୍ ବିଜୟୱାଡ଼ା ଜୋନ୍ ଦ୍ୱାରା ଧାର୍ଯ୍ୟ ମୂଲ୍ୟକୁ ଗ୍ରହଣ କରିବାକୁ ବାଧ ହେଉଥିଲେ। ନୂତନ ଓଡ଼ିଶା ଚାପ୍ଟର ଗଠନ ହେବା ପରେ ଏଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଲା। ତେଣୁ ଆସନ୍ତା ୨୦ ତାରିଖରୁ ଓଡ଼ିଶାର ଚାଷୀ ଓ ବ୍ୟବସାୟୀମାନେ ନେକ୍ ଓଡ଼ିଶା ଚାପ୍ଟର ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟକୁ ଓଡ଼ିଶାର 'ବେସ୍‌ରେଟ୍' ଭାବେ ଗ୍ରହଣ କରିବେ। ଏହା ଫଳରେ ଓଡ଼ିଶାର ସମସ୍ତ କୁକୁଡ଼ାଅଣ୍ଡା ଚାଷୀ ବିଶେଷ ଭାବେ ଉପକୃତ ହେବେ ବୋଲି ଅଲ୍ ଓଡ଼ିଶା ଲେୟାର ଫାର୍ମର୍ସ ଆସୋସିଏଶନ ଅଧ୍ୟକ୍ଷ ମାନସ ମଙ୍ଗରାଜ କହିଛନ୍ତି। ମଙ୍ଗଳବାର ଗୀତ ଗୋବିନ୍ଦ ସଦନରେ ଆସୋସିଏଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ମଙ୍ଗରାଜ ଉପସ୍ଥିତ ରହି କହିଥିଲେ, ରାଜ୍ୟରେ ଅଣ୍ଡା ଶିଳ୍ପ ଅତ୍ୟନ୍ତ ଦୟନୀୟ ଅବସ୍ଥା ଦେଇ ଗତି କରୁଛି। ଯଦି ଏହି ପରିସ୍ଥିତି ଲାଗି ରୁହେ, ତେବେ ଆସନ୍ତା ୧ବର୍ଷ ମଧ୍ୟରେ ଓଡ଼ିଶାରେ ୫୦% ଅଣ୍ଡା ଶିଳ୍ପ ବନ୍ଦ ହୋଇଯିବ। ଚାଷୀମାନେ ଆତ୍ମହତ୍ୟା କରିବାକୁ ବାଧ ହେବେ। ଓଡ଼ିଶାରେ ୬୫ ଲକ୍ଷ କୁକୁଡ଼ାଅଣ୍ଡା ଉତ୍ପାଦନ ହେଉଥିବାବେଳେ ୯୫ ଲକ୍ଷ ଚାହିଦା ରହିଛି। ଆମ ରାଜ୍ୟରେ ଉତ୍ପାଦିତ ଦ୍ରବ୍ୟ ମୂଲ୍ୟ ନିଜେ ନିର୍ଦ୍ଧାରଣ କରିପାରୁ ନ ଥିବାରୁ ନେକ୍ ବିଜୟୱାଡ଼ା ଜୋନ୍ ଦ୍ୱାରା ଏହା ନିର୍ଦ୍ଧାରିତ ହେଉଥିଲା। କିନ୍ତୁ ଏବେ ଆଉ ତାହା ହେବ ନାହିଁ। ଆସୋସିଏଶନର ସଦସ୍ୟମାନଙ୍କ ଚେଷ୍ଟା ଫଳରେ ବ୍ରହ୍ମପୁରରେ ନେକ୍‌ର ଓଡ଼ିଶା ଚାପ୍ଟର ଗଠନ କରିବାରେ ସଫଳ ହୋଇଛୁ। ରାଜ୍ୟରେ ଉତ୍ପାଦିତ କୁକୁଡ଼ାଅଣ୍ଡା ମଧ୍ୟରୁ ବ୍ରହ୍ମପୁରରେ ପ୍ରାୟ ୪୦ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ତେଣୁ ସେଠାରେ ନେକ୍ ଓଡ଼ିଶା ଜୋନ୍‌ର ଚାପ୍ଟର ଖୋଲିବା ପାଇଁ ନିଷ୍ପତ୍ତି ହୋଇଛି। ଓଡ଼ିଶା ଚାପ୍ଟର ପକ୍ଷରୁ ପ୍ରତିଦିନ ଅଣ୍ଡାର ନିର୍ଦ୍ଧାରିତ ମୂଲ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଚାହିଦାକୁ ଦେଖି ମୂଲ୍ୟରେ ପରିବର୍ତ୍ତନ କରାଯିବ ବୋଲି ମଙ୍ଗରାଜ କହିଛନ୍ତି।

ସେ ଆହୁରି ମଧ କହିଛନ୍ତି, ଓଡ଼ିଶାରେ ଖୁବ୍‌ଶୀଘ୍ର ଆସୋସିଏଶନ ପକ୍ଷରୁ ୧୦୦ ଆଉଟ୍‌ଲେଟ୍ ଖୋଲାଯିବ। ୧ ମାସ ଭିତରେ ଭୁବନେଶ୍ୱରରେ ୧୦ ଆଉଟ୍‌ଲେଟ୍ ଖୋଲାଯିବ, ଯେଉଁଠାରେ ଖାଉଟି କମ୍ ଟଙ୍କାରେ ଏବଂ ଫ୍ରେସ୍ ଅଣ୍ଡା ପାଇପାରିବେ ବୋଲି ମଙ୍ଗରାଜ କହିଛନ୍ତି। ଓପୋଲଫେଡ୍ ସଂଘ ପାଖରୁ ଅଣ୍ଡା ନେବା ପାଇଁ ରାଜ୍ୟ ସରକାରଙ୍କୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଛି। ଏଥିସହିତ ଉମରକୋଟ୍ ଓ ଚନ୍ଦ୍ରଗିରିରେ ଥିବା ମକାଚାଷୀଙ୍କୁ ଋଣ ଦେବା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଛୁ। ଫଳରେ ସେମାନେ ଆଉ ବାହାର ବ୍ୟବସାୟୀଙ୍କ ଶିକାର ହୋଇପାରିବେ ନାହିଁ। ଉକ୍ତ ଖବରଦାତା ସମ୍ମିଳନୀରେ ସଙ୍ଗଠନ ସଭାପତି ବି.ବି. ଚୌଧୁରୀ, ଉପସଭାପତି ଦେବଦତ୍ତ ବିଶ୍ୱାଳ, ସମ୍ପାଦକ ଏଲ୍. ସରୋଜ ପାତ୍ର, କୋଷାଧକ୍ଷ ସନ୍ତୋଷ କୁମାର ପାତ୍ର, ଉପଦେଷ୍ଟା ମଦନ ମୋହନ ରାଉତ ଓ ନେକ୍ ଓଡ଼ିଶା ଜୋନ୍ ଚେୟାରମ୍ୟାନ୍ ଶୁଭେନ୍ଦୁ କୁମାର ସାହୁ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସବୁ ରାଜ୍ୟରେ ନେକ୍ ଚାପ୍ଟର ଥିବାବେଳେ ଓଡ଼ିଶାରେ ପ୍ରଥମ ଥର ପାଇଁ ଚାପ୍ଟର ଖୋଲାଯାଉଛି।